**ଗ୍ୟାସ ନିଆଁରେ ପୋଡ଼ି ହୋଇ ମହିଳା ଗୁରୁତର**

ବ୍ରହ୍ମବରଦା,(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ହାଜିନଗର ଗ୍ରାମର ୨ ନମ୍ବର ୱାର୍ଡରେ ଜଣେ ମହିଳା ଗ୍ୟାସ ନିଆଁରେ ପୋଡିହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର ସେକ କଲିମଙ୍କ ସ୍ତ୍ରୀ ମସୋଦା ବିବି(୪୭)। ରବିବାର ସେ ଜଳଖିଆପ୍ରସ୍ତୁତ କରୁଥିବା ବେଳେ ହଠାତ ଗ୍ୟାସ ଚୁଲାରୁ ନିଆଁ ଉଠିଯାଇ ମସୋଦା ବିବିଙ୍କ ଅଙ୍ଗ ବସ୍ତ୍ରରେ ଲାଗିଥିଲା। ଫଳରେ ସେ ଘଟଣା ସ୍ଥଳରେ ଗୁରୁତର ହୋଇଥିଲେ। ଅଗ୍ନିକାଣ୍ଡରେ ରୋଷେଇ ଘର ଆସବାବ ସହିତ କିଛି ଟଙ୍କା ପୋଡି ଯାଇଥିବା ସେକ କଲିମ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି।

# ମୃଦଙ୍ଗ କାରିଗରଙ୍କୁ ମିଳୁନି ସରକାରୀ ସହାୟତା

- ବୁଡ଼ିବାକୁ ବସିଲାଣି କୁଳ ବେଉସା
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

**କଳିଙ୍ଗନଗର,୭।୭(ଶୁଭାଶିଷ ରାଉତ):**

ଆଜି ବି ଓଡ଼ିଶାର ପୁରପଲ୍ଲୀରେ ସଞ୍ଜ ନଇଁବା ମାତ୍ରେ ଗାଁଗଣ୍ଡାରେ ଗୁଞ୍ଜରିତ ହେଉଛି ସଙ୍କୀର୍ତ୍ତନର ସ୍ୱର। ଭାଗବତ ଟୁଙ୍ଗୀରେ ବିଭିନ୍ନ ବାଦ୍ୟ ଯନ୍ତ୍ର ତାଳରେ ବୋଲାଯାଏ ହରିନାମ। ଏସବୁ ପାଇଁ ଆବଶ୍ୟକ ପଡ଼ିଥାଏ ମୃଦଙ୍ଗ, ତବଲା, ଢୋଲକ, ଖୋଳ, ମର୍ଦ୍ଦଳ, ଢେମସା ଓ ପଖଜ ପରି ବାଦ୍ୟଯନ୍ତ୍ର। ଘରେଘରେ ଥିବା ମୃଦଙ୍ଗ ଏବେ କଦବାକ୍ୱଚିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ସମୟର ତାଳରେ ସାଉଣ୍ଡ, ବାର୍, ଡିଜେ ଓ ଆଲବମ ସଙ୍ଗୀତ ନିକଟରେ ମୃଦଙ୍ଗ ପରି ବାଦ୍ୟଯନ୍ତ୍ର ଧୀରେଧୀରେ ହଜିଯାଉଛି। ଏପରି ସମୟରେ ଯେଉଁ ଅଳ୍ପ କିଛି ବାଦ୍ୟଯନ୍ତ୍ରର ସ୍ୱର ଶୁଭୁଛି। ସେ ସବୁକୁ ବଞ୍ଚାଇ ରଖିଥିବା ୩ କାରିଗର ଭ୍ରାତା ଧନେଶ୍ୱର ଦାସ, ଶ୍ରୀହରି ଦାସ ଓ ସନିଆ ଦାସଙ୍କ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଫଳରେ ସେମାନେ ନିଜ କୂଳ ବେଉସାକୁ ଆଉ ଚଳାଇ ପାରୁ ନ ଥିବା ପ୍ରକାଶ କରିଛନ୍ତି। ସେମାନଙ୍କୁ ସରକାରୀ ସୁବିଧାସୁଯୋଗରେ ସାମିଲ ସହିତ ଆର୍ଥିକ ପ୍ରୋତ୍ସାହନ ମିଳିପାରିଲେ ବାଦ୍ୟଯନ୍ତ୍ର କାରିଗର ଭାବେ ସେମାନେ କୁଳବେଉସାକୁ ବଞ୍ଚାଇ ରଖିପାରିବେ ବୋଲି କହିଛନ୍ତି।

ଏହି ପରିବାର ଯାଜପୁର ଜିଲା ଦାନଗଦି ବ୍ଲକ ଚିତ୍ରୀ ପଞ୍ଚାୟତର ନୂଆଗାଁରେ ରହୁଛନ୍ତି। ତାଙ୍କ ପୂର୍ବପୁରୁଷ ଝାଡ଼ଖଣ୍ଡ ରାଜ୍ୟର ମୂଳନିବାସୀ। ଏହି ପରିବାରର ଦୁଇ ପୂର୍ବ ପିଢି ଜାମସେଦପୁରରୁ ଆସି ଏଠାରେ ବସବାସ କରୁଛନ୍ତି। ମୃଦଙ୍ଗ, ଢୋଲକ, ତବଲା, ଖୋଳ, ମର୍ଦ୍ଦଳ, ଢେମସା ଓ ପଖଜ ପରି ବାଦ୍ୟଯନ୍ତ୍ର ତିଆରି ଓ ମରାମତି ଏମାନଙ୍କ କୁଳ ବେଉସା। ପିଢ଼ିପରେ ପିଢ଼ି ଏହି କାମରେ ଗୁଜୁରାଣ ମେଣ୍ଟାଉଥିବା ପରିବାରର ମହିଳା ଓ ସେମାନଙ୍କ ପୁଅ, ନାତିବି ଏହି କାରିଗରି କାମ କରୁଛନ୍ତି। ମୃଦଙ୍ଗ ଓ ଅନ୍ୟ ବାଦ୍ୟଯନ୍ତ୍ର ନିର୍ମାଣ ପାଇଁ କୁମ୍ଭାର ଘର ମାଟି ନିର୍ମିତ ହାଣ୍ଡି ଓ ଚମଡ଼ା କଞ୍ଚାମାଲ ରୂପେ ବ୍ୟବହାର ହୋଇଥାଏ। ଆବଶ୍ୟକ ଚମଡ଼ାକୁ ଯାଜପୁର ଟାଉନ ଓ ଭଦ୍ରକ ଆଦି ଅଞ୍ଚଳରୁ ଯୋଗାଡ କରିବାକୁ ପଡ଼ିଥାଏ।


କାରିଗରଙ୍କ ପରିବାର ମୃଦଙ୍ଗ ତିଆରି କରୁଛନ୍ତି।

କାରିଗର ଶ୍ରୀହରିଙ୍କ କହିବା ମୁତାବକ, ଦୁଇଟି ମୃଦଙ୍ଗ ତିଆରି ପାଇଁ ସେମାନଙ୍କୁ ୩ରୁ ୪ଦିନ ସମୟ ଲାଗିଥାଏ। ସେହି ମୃଦଙ୍ଗକୁ ସେମାନେ ୪ରୁ ୫ହଜାର ଟଙ୍କାରେ ବିକ୍ରି କରନ୍ତି। ଏବେ ବଜାର ଚାହିଦା ନ ଥିବାରୁ ଓ ବିକ୍ରି ପାଇଁ ବଜାର ନ ଥିବାରୁ ଏସବୁ ବାଦ୍ୟଯନ୍ତ୍ର ବିକ୍ରି ପାଇଁ ବହୁ ହଇରାଣ ହରକତ ହେବାକୁ ପଡୁଛି। ଏଠାରେ ଚମଡ଼ା ମୂଲ୍ୟ ଏବେ ଆକାଶଛୁଆଁ ରହିଛି। ରାଜ୍ୟ ବାହାରୁ ଶସ୍ତାରେ ଚମଡ଼ା କିଣି ଆଣିବା ମଧ ବ୍ୟୟସାପେକ୍ଷ ହେଉଥିବାରୁ ଅନେକ ସମୟରେ ହଇରାଣ ହେବାକୁ ପଡୁଛି। ଘର ନିକଟରେ ଚାଲିଥିବା ବାଦ୍ୟଯନ୍ତ୍ର ନିର୍ମାଣ ଓ ମରାମତି କାମ ପାଇଁ ସମ୍ବଲପୁର, ଭଦ୍ରକ, କେନ୍ଦୁଝର ଓ କଟକ ଜିଲାରୁ କିଛି କିଛି ଅର୍ଡର ଆସିଥାଏ। ମାତ୍ର ତିଆରି ଖର୍ଚ୍ଚ ବଢ଼ିଯାଇଥିବାରୁ ଏବଂ ଅଧିକ ପରିମାଣର ବିକ୍ରି ହେଉ ନ ଥିବାରୁ ଲାଭ ସେତେ ଅଧିକ ହେଉ ନ ଥିବା ଶ୍ରୀ ହରି ପ୍ରକାଶ କରିଛନ୍ତି। ସେହିପରି ବାପା ଜେଜେବାପାଙ୍କ ଅମଳରୁ ଚାଲି ଆସିଥିବା ଏହି କୌଳିକ ବୃତ୍ତି ଆଗକୁ ପରବର୍ତ୍ତୀ ପିଢି ଆଦରି ନେବା ସମ୍ଭବ ନୁହେଁ। ତେଣୁ ପରିବାରର ପିଲାମାନେ ନିଜ କୌଳିକ ବୃତ୍ତିରୁ ମୁହଁ ଫେରାଇ କାରଖାନା ମୁହାଁ ହେଉଥିବା ବଡ଼ ଭାଇ ଧନେଶ୍ୱର କହିଛନ୍ତି।

ପାଲା ଓ ନାମ ସଂକୀର୍ତ୍ତନ ପରି ଗାଁଗାଁରେ ଥିବା ସାଂସ୍କୃତିକ ପରମ୍ପରା ଦିନକୁ ଦିନ ହଜି ଯାଇଥିବାବେଳେ ମୃଦଙ୍ଗ ପରି ବାଜଣା ବାଦ୍ୟଯନ୍ତ୍ରର ଚାହିଦା ଢେର କମିଛି। ବାଦ୍ୟଯନ୍ତ୍ର କିଣାକିଣି କମୁଥିବାରୁ ଏହାକୁ ନେଇ ପରିବାର ଚଳଣି ଏଠାକାର କାରିଗର ପରିବାର ପାଇଁ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। କାରିଗରଙ୍କ ପାଇଁ ସରକାରୀ ପ୍ରୋତ୍ସାହନର ବ୍ୟବସ୍ଥା ରହିଥିବାବେଳେ ଏହି ପରିବାର ଅଦ୍ୟାବଧି ଏଥିରେ ସାମିଲ ହୋଇ ପାରିନାହାନ୍ତି। ଏ ଦିଗରେ ଦୃଷ୍ଟିଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ସହରର ସମସ୍ୟା ସମାଧାନ ପାଇଁ ନିବେଦନ

## ବ୍ୟାସନଗର ନାଗରିକ କମିଟିର ସମ୍ବର୍ଦ୍ଧନା ଉତ୍ସବ

**ଯାଜପୁରରୋଡ୍,୭।୭(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ନାଗରିକ କମିଟି ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବିଧାୟକ ଆକାଶ ଦାସନାୟକ ଓ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇ ତା'ର ସମାଧାନ ପାଇଁ ନିବେଦନ କରାଯାଇଛି। ସମସ୍ୟାଗୁଡ଼ିକ ମଧ୍ୟରେ ୧୦୦ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ, ପାନୀୟ ଜଳ ସମସ୍ୟା, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା, ନୀରବଚ୍ଛିନ୍ନ ବିଜୁଳି, ଟ୍ରାଫିକ ପୋଲିସ ମୁତୟନ, ସହର ଚାରିପଟରେ ରିଙ୍ଗ ରୋଡ ନିର୍ମାଣ, ଶ୍ମଶାନର ଉନ୍ନତୀକରଣ, ରେଳଷ୍ଟେଶନକୁ ନ୍ୟୁ ବ୍ୟାସନଗର ନାମକରଣ କରିବା, ବ୍ୟାସନଗରକୁ ସବ୍‌ଡିଭିଜନ ଘୋଷଣା, କେଏନ୍‌ଡିଏକୁ ମନମୁଖୀ ଭାବେ ସମ୍ପ୍ରସାରଣ ନ କରିବା, ସରକାରୀ ଜମିକୁ ଜମିମାଫିଆଙ୍କଠୁ ମୁକ୍ତକରିବା, ବ୍ୟାସନଗର ଓ କଳିଙ୍ଗନଗରକୁ ନେଇ ମହାନଗର ନିଗମ ଘୋଷଣା କରିବା, ମନଇଚ୍ଛା ହୋଲଡିଂ ଟିକସ ବନ୍ଦ କରିବା, ସରକାରୀ କାର୍ଯ୍ୟାଳୟକୁ ଅନ୍ୟତ୍ର ନ ଉଠାଇବା, ନନ୍ଦରାମ ହିନ୍ଦୀ ପାଠାଗାରକୁ ସ୍କୁଲ କମିଟିକୁ ହସ୍ତାନ୍ତର କରିବା ଓ ଚାରାରୋପଣ ଆଦି ରହିଛି।


ବ୍ୟାସନଗର ନାଗରିକ କମିଟି ପକ୍ଷରୁ ବିଧାୟକ ଓ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏମ୍‌ପି ରେଳ ସମସ୍ୟା ଏବଂ କେନ୍ଦ୍ର ସରକାରଙ୍କଠାରୁ ଯାହା ଆବଶ୍ୟକ ପଡ଼ିବ ସବୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ତାଙ୍କ ଅଭିଭାଷଣରେ ବ୍ୟାସନଗର ସବୁ ସମସ୍ୟାକୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମ ପାରମ୍ଭରେ ନିରଞ୍ଜନ ଘଡ଼ାଇ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ବିକାଶ ଦାସ ଓ ସାଥିମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସଭାରେ କମିଟି ସଭାପତି ଡ. ହେମନ୍ତ କିଶୋର ସାହୁ ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ଡ. ଦୁଷ୍ମନ୍ତ ନାୟକ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଅକ୍ଷୟ ପଣ୍ଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ପଣ୍ଡା, ହୃଦାନନ୍ଦ ସାମଲ, ଚନ୍ଦ୍ରମଣି ସାମଲ, ଡ. ଗୌରୀଶଙ୍କର ଷଡ଼ଙ୍ଗୀ, ଡ. ପ୍ରସନ୍ନ ସାହୁ, ଡ. ପ୍ରମୋଦ ଶତପଥୀ, ପ୍ରସନ୍ନ ସାମଲ, ରଘୁନାଥ ବେହେରା, ଭାଗିରଥି ଆଚାର୍ଯ୍ୟ, ବ୍ରଜେଶ୍ୱରୀ ସିଂ, ଶର୍ମିଳା ଦେଓ, ନରେନ୍ଦ୍ର ଜେନା, ଅର୍ଜୁନ ରାଉତ, ଦାମୋଦର ପଣ୍ଡା, କୈଳାଶ ରାଉତ, ସୁନୀଲ ମୁଣ୍ଡା, ସୁବାସ ଚନ୍ଦ୍ର ପ୍ରଧାନ, ସୌମେନ୍ଦ୍ର ଜେନା, ରଘୁନାଥ ରାଉତ, ଦିନେଶ ମାସ୍କରା, ସରୋଜ ଦେ, ପ୍ରଫୁଲ୍ଲ କୁମାର ନାୟକ, ବାଇଧର ମାଝୀ ଓ ଜ୍ଞାନରଞ୍ଜନ ରାଉତ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ହୃଷୀକେଶ ସାହୁ ଧନ୍ୟବାଦ ଦେଇଥିଲେ।

# କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ ତୃପତ ଶେଖର

**କୋରେଇ,୭।୭(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅଧୀନ ବ୍ରାହ୍ମଦା ରାଧାରମଣ ହାଇସ୍କୁଲ୍‌ରେ ଶନିବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ତୃପତ ଶେଖର ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ ଯୋଗଦେଇ ଶିକ୍ଷକ ସ୍ୱାଇଁ ଦୀର୍ଘ ୩୧ ବର୍ଷ ଶିକ୍ଷକତା ମଧ୍ୟରେ କିପରି ଜଣେ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମ ଦାସ, ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମାଝୀ, ବ୍ୟାସନଗର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଅକ୍ଷୟ ମହାନ୍ତି, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଭୟ ମହାପାତ୍ର, ହଳଦୀଗଡ଼ିଆ ପଞ୍ଚାୟତ ସମିତିସଭ୍ୟ ଉଦୟ ନାୟକ, ବ୍ଲକ ଓଷ୍ଟା ସଭାପତି ପ୍ରତାପ ପହି, ପୂର୍ବତନ ଓଷ୍ଟା ସଭାପତି ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ସହ ତାଙ୍କ ସ୍ତ୍ରୀ ତପସ୍ୱିନୀ ସ୍ୱାଇଁଙ୍କୁ ଏକ ଖୋଲା ଜିପ୍‌ରେ ବାଜା, ବାଣ ସହ ପ୍ରସେଶନ କରି ପାଖାପାଖି ୨ କିଲୋମିଟର ତାଙ୍କ ହଳଦିଗଡ଼ିଆସ୍ଥିତ ଘର ପର୍ଯ୍ୟନ୍ତ ନିଆ ଯାଇଥିଲା। ଶିକ୍ଷକ ସ୍ୱାଇଁ ୧୯୯୩ରୁ ରାଧାରମଣ ହାଇସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତ୍


@ ଛୁଲଙ୍ଗ


@ ପପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟାସନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଯାଜପୁରରୋଡ୍,୭।୭(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ରବିବାର ମହାବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ନିରଞ୍ଜନ ଶତପଥୀ ଯୋଗଦେଇ ମହାବିଦ୍ୟାଳୟର ଗାରିମା ଉପରେ ନିଜର ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପ୍ରତି ରୁଚିରଖି ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର 'ବ୍ୟାସ ବକ୍ତୃତାମାଳା'ର(ଇଂରାଜୀ) ଅନୁବାଦ ଓ ନିରଞ୍ଜନ ଶତପଥୀଙ୍କ ଶ୍ରୀଜଗନ୍ନାଥ ଇତିବୃତ୍ତି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ବିଭାଗର ୧୭ କୃତୀ ଛାତ୍ରୀଛାତ୍ର, ଦିଲ୍ଲୀ ପରେଡ୍‌ରେ ଭାଗ ନେଇଥିବା ୪ ଏନସିସି ଛାତ୍ରୀଛାତ୍ର ଏବଂ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୩ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ, ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

ଉତ୍ସବରେ ଅଧ୍ୟାପକ ଅମୂଲ୍ୟକୃଷ୍ଣ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତିଷ୍ଠା ଉତ୍ସବ କମିଟି ଅଧକ୍ଷ ଦିଲୀପ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରାଧ୍ୟାପିକା ସ୍ୱର୍ଣ୍ଣଲତା ତ୍ରିପାଠୀ, ଅଧ୍ୟାପିକା ପୁନ ଦାସ, ଚିରସ୍ମିତା ମିଶ୍ର, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଦୀପ୍ତିମୟୀ ଦାସ, ଅଧ୍ୟାପକ ପ୍ରଶାନ୍ତ ସାହୁ, ବିବେକାନନ୍ଦ ଜେନା, ବିକାଶ ବେହେରା, ରଞ୍ଜନ ସାହୁ, ଗୋଲଖ ବିହାରୀ ମହାକୁଡ଼, ପ୍ରାଧ୍ୟାପକ ଅକ୍ଷୟ ମହାନ୍ତି, ବାବୁ ବାହାନ ଜେନା, ବିଷ୍ଣୁଚରଣ ବରୁଡି, ରଜତକାନ୍ତ ଦାସ, କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ପୁରାତନ ଛାତ୍ର ପରିଷଦ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ସନାତନ ଦାସ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିବାବେଳେ ଅଧ୍ୟାପକ ଅଜୟ କୁମାର ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ବର୍ଷା ଜଳ ନିଷ୍କାସନ, ଚଣ୍ଡିଖୋଲ ଟ୍ରାଫିକ୍ ସମସ୍ୟା ଆଲୋଚନା

## ବିଧାୟକ, ଜିଲାପାଳ, ଏସ୍‌ପିଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ

**ଚଣ୍ଡିଖୋଲ,୭।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ପ୍ରଶାସନର ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ବଡ଼ଚଣା ବିଧାୟକ ଅମର ନାୟକଙ୍କ ଏକ ବୈଠକ ଚଣ୍ଡିଖୋଲ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ନିର୍ବାଚନମଣ୍ଡଳୀର ଡ୍ରେନେଜ ସମସ୍ୟା, ଚଣ୍ଡିଖୋଲ ଛକର ସ୍ଥିତି, ଡ୍ରେନେଜ ପାଣି ନିଷ୍କାସନର ସ୍ଥାୟୀ ସମାଧାନ, ଜାତୀୟ ରାଜପଥ ୧୬ ଓ ୫୩ ନଂର ବର୍ତ୍ତମାନ ସ୍ଥିତି ସମାଧାନ, ଚଣ୍ଡିଖୋଲ ଟ୍ରାଫିକ ସମସ୍ୟା, ୫୩ନଂ. ଜାତୀୟ ରାଜପଥ ୮ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟର ଦ୍ୱରିତ ବେଗରେ ଶେଷ କରିବା, ଆବଶ୍ୟକ ଅନୁଯାୟୀ ଜାତୀୟ ରାଜପଥରେ ଲୋକଙ୍କ ଯାତାୟାତ ଏବଂ ଯାନ ବାହନ ଯାତାୟାତ ପାଇଁ ସ୍ଥାୟୀ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଏହି ବୈଠକରେ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ, ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ୍, ଜାତୀୟ ରାଜପଥ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକାରୀ, ଦର୍ପଣ ତହସିଲଦାର, ଧର୍ମଶାଳା ଓ ବଡ଼ଚଣା ବିଡିଓ, ଜଳସମ୍ପଦ ବିଭାଗ ଓ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଳାନ୍ୟାସରେ ଅଟକିଛି ଉନ୍ନତୀକରଣ

**ବଡ଼ଚଣା,୭।୭(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ୍ ଅଧୀନ ୧୬ନଂ. ଜାତୀୟ ରାଜପଥର ସଂଯୋଗସ୍ଥଳ ବନ୍ଧାଲୋଠାରୁ ଏଣ୍ଡରପଦା ଗ୍ରାମ ପର୍ଯ୍ୟନ୍ତ ୧୫ କି.ମି. ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହା ୧୬ ନମ୍ବର ଜାତୀୟ ରାଜପଥଠାରୁ ପଶ୍ଚିମ ବଡ଼ଚଣାର ୧୦ ପଞ୍ଚାୟତ ଦେଇ ଢେଙ୍କାନାଳ ଜିଲାକୁ ସଂଯୋଗ କରୁଛି। ଏହି ରାସ୍ତା ପ୍ରସିଦ୍ଧ ଶୈବପୀଠ କପିଳାସ, ଯୋରନ୍ଦା ତୀର୍ଥ କ୍ଷେତ୍ରକୁ ଯାତାୟାତ ପାଇଁ ସହଜ ହୋଇ ପାରୁଛି। ଏହି ରାସ୍ତା ଉପରେ ପଶ୍ଚିମ ବଡ଼ଚଣାର ବ୍ୟସ୍ତବହୁଳ ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ରାସ୍ତାରେ ୨୪ ଘଣ୍ଟା ଗାଡ଼ି ଚଳାଚଳ କରୁଛି। ହେଲେ ରାସ୍ତାର ଅବସ୍ଥା ସୁଧୁରି ପାରିନାହିଁ। ଦୀର୍ଘଦିନ ହେବ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାର ୦କି.ମି.ରୁ ୫.୩ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର କରାଯାଇ ଶିଳାନ୍ୟାସ କରାଯାଇଥିଲେ ମଧ କାମ ହୋଇ ପାରୁନାହିଁ। ଫଳରେ ଶିଳାନ୍ୟାସରେ ଉନ୍ନତିକରଣ ଅଟକି ରହିଥିବା ଅଭିଯୋଗ ହୋଇଛି।

ରାସ୍ତା ଉନ୍ନତିକରଣ ପାଇଁ ୭।୧୨।୨୦୧୮ରେ ଶିଳାନ୍ୟାସ କରାଯାଇଥିଲା। ମୋଟ ଅଟକଳ ୪ କୋଟି ଦୁଇ ଲକ୍ଷ ୪୫ ହଜାର ବ୍ୟୟ ଅଟକଳରେ କାମ କରିବାକୁ କର୍ତ୍ତୃପକ୍ଷ ଠିକା ସଂସ୍ଥା ସହ ଚୁକ୍ତି କରିଥିଲେ। ଏହି ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଶିଳାନ୍ୟାସ ସମୟରେ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ କହିଥିଲେ।

**ବନ୍ଧାଲୋ-ଏଣ୍ଡରପଦା ପୂର୍ତ୍ତ ବିଭାଗ ରାସ୍ତା**



ଶିଳାନ୍ୟାସର ମାତ୍ର କେତେଟା ଦିନ ପରେ ଯଦିଓ ଠିକାଦାର କାମ ଆରମ୍ଭ କରିଥିଲେ ସେହି ସମୟରେ ସମ୍ପ୍ରସାରଣ କାର୍ଯ୍ୟରେ ନାନା ଅନିୟମିୟତା ହୋଇଥିବା ଲୋକେ ଅଭିଯୋଗ କରିଥିଲେ। ରାସ୍ତାର ଦୁଇ କଡ଼ରୁ ୨ ଫୁଟ ଜେସିବିରେ ଖୋଳା ଯାଇଥିଲା। ମାସେ ଦୁଇ ମାସ ଧରି ଗାତ ଖୋଳା ଯାଇ ପଡ଼ି ରହିଥିଲା। ସୁରକ୍ଷା ଦୃଷ୍ଟିରୁ ଫିତା କିମ୍ବା ବାଡ଼ ଦିଆଯାଇ ନ ଥିଲା। ଫଳରେ ପଥଚାରୀ, ଦୁଇ ଚକିଆ ଯାନ ଚାଳକ, ସାଇକଲ ଆରୋହୀ ଓ ଛୋଟ ଗାଡ଼ି ବାରମ୍ବାର ଦୁର୍ଘଟଣାର ଶିକାର ହୋଇଥିଲେ। ବହୁ ସ୍କୁଲ, କଲେଜ ଛାତ୍ରୀଛାତ୍ର ପଡ଼ି ଆହତ ହୋଇଥିଲେ। ପ୍ରବଳ ଅସନ୍ତୋଷ ପରେ କେତେକ ସ୍ଥାନରେ ଡଷ୍ଟ ଗୁଣ୍ଡ ଓ ବାଲିରେ ପୂର୍ଣ୍ଣ କରାଯାଇଥିଲା। କାମ ଆରମ୍ଭରୁ ସୂଚନା ଫଳକ ଲଗା ଯାଇ ନ ଥିଲା। ଅଭିଯୋଗ ପରେ ତରବରିଆ ଭାବେ ବିଭାଗ ପକ୍ଷରୁ ଫଳକ ଲଗାଯାଇଥିଲା। ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଅନୁଧାନ ଦେବାର ବ୍ୟବସ୍ଥା ଥିବା ବେଳେ ଏଠି କାର୍ଯ୍ୟ ଓଲଟା କରାଯାଇଥିଲା। ରାସ୍ତା କାର୍ଯ୍ୟର ଅନିୟମିତତା ନେଇ ବନ୍ଧାଲୋ-ଏଣ୍ଡରପଦା ରାସ୍ତା କ୍ରିୟାନୁଷ୍ଠାନ କମିଟି ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଫଳ କିଛି ହୋଇନାହିଁ। ଏ ପର୍ଯ୍ୟନ୍ତ ରାସ୍ତା କାମ ନ ହୋଇ ପଡ଼ି ରହିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ୮ ମାସ ତଳେ ବିଭାଗୀୟ କର୍ତ୍ତୃପକ୍ଷ ୫ ଲକ୍ଷରୁ ଅଧିକ ଟଙ୍କା ଠିକାଦାରଙ୍କ ଦ୍ୱାରା ଖର୍ଚ୍ଚ କରାଇ ନାମକୁ ମାତ୍ର କେତେ ଟ୍ରିପ ଡଷ୍ଟ ଗୁଣ୍ଡ ପକାଇ ଖାଲ ମରାମତି କରିଥିଲେ। ମାତ୍ର ୪ ଚକିଆ ଓ ୬ ଚକିଆ ଭାରିଯାନ ଯିବା ଦ୍ୱାରା ଡଷ୍ଟ ଉଡ଼ିଥିଲା। ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଠିକାଦାର ନାମକୁ ମାତ୍ର ଉଭୟ ପାର୍ଶ୍ୱ ଖୋଳି ପିଚୁ ନ କରି କାମ ଛାଡ଼ି ପଳାଇ ଯାଇଥିଲେ। ଖବର ନେବାରୁ ଜଣାଯାଇଛି ଯେ ବିଭାଗ ପକ୍ଷରୁ ସଂପୃକ୍ତ ଠିକାଦାରଙ୍କ ନାମର ଜରିମାନା କରାଯାଇଛି। ଏବେ ନୂଆ ସରକାର ଆସିଲା ପରେ ଶୁଣାଯାଉଛି ପୁନର୍ବାର ଏହି ରାସ୍ତାର ଟେଣ୍ଡର କରାଯିବ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ବିଧାୟକ ଅମର ନାୟକଙ୍କୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବନ୍ଧାଲୋ-ଏଣ୍ଡରପଦା ରାସ୍ତା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଭେଟି ରାସ୍ତାର ପୁନରୁଦ୍ଧାର ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ରାସ୍ତା ମରାମତି କରାଯାଉଛି।


ନାଉଗାଁସ୍ଥିତ ଗାରୋଇ ଗୋବର୍ଦ୍ଧନ ପୀଠରେ ଗୁଣ୍ଡିଚା ଯାତ୍ରା।


ରାହାମା ମଦନମୋହନଜୀଉଙ୍କ ରଥଯାତ୍ରା।

# ଭାବରେ ଭିଜିଲେ ଭକ୍ତ

## ଜଗତ୍‌ସିଂହପୁର ଜିଲାରେ ରଥଯାତ୍ରା

ଜଗତ୍‌ସିଂହପୁର, ୭।୭
(ପ୍ରମୋଦ କୁମାର ନାୟକ)

ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନେଇ ସାରା ଜିଲାରେ ଭାବାବେଗ ପରିବେଶ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ଯାତ୍ରା ସମୟରେ ଅନେକ ସ୍ଥାନରେ ଶ୍ରଦ୍ଧାଳୁମାନେ ଭାବ ବିହ୍ୱଳିତ ହେବା ନିଆରା ପରିବେଶ ସୃଷ୍ଟି କରିଥିଲା। ଜିଲାର ବିଭିନ୍ନ ଗାଁ ଓ ସହରରେ ରଥଯାତ୍ରା କରାଯାଇଥିଲା। ପିଲାମାନେ କେତେକ ସ୍ଥାନରେ ଛୋଟ ଛୋଟ ରଥ ଟାଣି ଗାଁ, ବଜାର ପରିକ୍ରମା କରି ଜଗନ୍ନାଥ ସଂସ୍କୃତିର ମହନୀୟତା ପ୍ରତିପାଦନ କରିଥିଲେ। ଏହି ଅବସରରେ ସିଦ୍ଧଳସ୍ଥିତ ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ରୀତିନୀତି ଅନୁଯାୟୀ ରଥଯାତ୍ରା କରାଯାଇଥିଲା। ଏଥିରେ ଠାକୁର ରାଜା ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ ରଥ ମାର୍ଜନା ଓ ଛେରାପହଁରା ସହ ସମସ୍ତ କାର୍ଯ୍ୟ କରିଥିଲେ। ଏହି ଅବସରରେ ଜିଲାପାଳ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଦେବାସହ ପ୍ରତ୍ୟେକଙ୍କ ମଙ୍ଗଳ କାମନା କରିଥିଲେ।


ସିଦ୍ଧଳସ୍ଥିତ ରଥଯାତ୍ରାରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି।


ଜିଲାପାଳ ଅନୁପମ ଶାହା ଛେରାପହଁରା କରୁଛନ୍ତି।

ପରେ ସର୍ବସାଧାରଣଙ୍କ ଭୋଗଲାଗି ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରୀତିନୀତି ଅନୁଯାୟୀ ପ୍ରାତଃ ସମୟରୁ ମଙ୍ଗଳ ଆଳତି, ସ୍ନାନ ଓ ଅନ୍ୟାନ୍ୟ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ ଧୂପ ଓ ଏହା ପରେ ରଥ ପ୍ରତିଷ୍ଠା ପତାକା ଲାଗି କରାଯାଇଥିଲା। ଅପରାହ୍ନରେ ପ୍ରଭୁଙ୍କ ରଥାରୋହଣ ଏବଂ ପହଣ୍ଡିବିଜେ ଅନୁଷ୍ଠିତ ହୋଇଥିଲା। ଏହାପରେ ଆରତି ଦର୍ଶନ, ସର୍ବସାଧାରଣ ଭୋଗ ଲାଗି ଓ ରଥଚାଳନା କରାଯାଇଥିଲା। ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ଏହି ରଥଯାତ୍ରା ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ପ୍ରଦୀପ ସାହୁ, ତହସିଲଦାର ତାରେଣୀ ରାୟ, ବିଭାଗୀୟ ଅଧିକାରୀ, ଆରକ୍ଷୀ ବାହିନୀ, ମନ୍ଦିର ମୁଖ୍ୟପଣ୍ଡା ଅରୁଣ କୁମାର ପଣ୍ଡା, ମୁଖ୍ୟ ପୁରୋହିତ ସୁରେନ୍ଦ୍ରନାଥ ଦାଶଶର୍ମା, ଶରତ କୁମାର ଷଡ଼ଙ୍ଗୀ, ସମ୍ପାଦକ ଜ୍ୟୋତିରଞ୍ଜନ ପରିଡ଼ା, ରାମଚନ୍ଦ୍ର ଦାଶ, କାଳିକିଙ୍କର ଆଚାର୍ଯ୍ୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ତରଙ୍ଗସେନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ ଓ ଆଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସରାପ୍ପୋରେ ଅନୁଷ୍ଠିତ ରଥଯାତ୍ରାରେ ବହୁ ସଂଖ୍ୟକ ଭକ୍ତଙ୍କ ସମାବେଶ ହୋଇଥିଲା। ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଅପରାହ୍ନରେ ପ୍ରଭୁଙ୍କ ରଥାରୋହଣ ଏବଂ ପହଣ୍ଡିବିଜେ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସରାପ୍ପୋ ମଠାଧୀଶ ଗୋକୁଳାନନ୍ଦ ସରସ୍ୱତୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହାପରେ ଆରତି ଦର୍ଶନ, ସର୍ବସାଧାରଣ ଭୋଗ ଲାଗି ଓ ରଥଚାଳନା କରାଯାଇଥିଲା। ସହସ୍ରାଧିକ ଭକ୍ତଙ୍କ ସମାଗମରେ ରଥ ଗଡ଼ିଚାଲିବା ଦୃଶ୍ୟ ଭାବାବେଗ ପରିବେଶ ସୃଷ୍ଟି କରିଥିଲା। ଶେଷରେ ମାଉସୀ ମା' ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ତରଫରୁ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା। ସେହିପରି ଜଗତ୍‌ସିଂହପୁର ସହରର ପାଣିଶାଳିଆ, ଜଗତ୍‌ସିଂହପୁର ବ୍ଲକର ବାରଙ୍ଗ, ପୋକପୁର, ଖଇରଙ୍ଗ, ବଟଶ୍ରୀକ୍ଷେତ୍ର ଆଦି ଏକାଧିକ ସ୍ଥାନରେ ରଥଯାତ୍ରା ଦେଖିବା ପାଇଁ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା।


ଏରସମା ଜଗନ୍ନାଥ ମନ୍ଦିର


ପାରାଦୀପ ଆଇଓସିଏଲ୍ ପକ୍ଷରୁ ରଥଯାତ୍ରା।


ରଘୁନାଥପୁର ଗୋକୁଳପୁରଠାରେ ଭକ୍ତମାନେ ରଥ ଟାଣୁଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱଜିତ୍


@ ଛୁଲଙ୍ଗ


@ ପପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟକ୍ତିଗତ ସ୍ୱାର୍ଥ, ଦଳୀୟ ମନୋଭାବ ଦୂରେଇ ସାମୂହିକ କାର୍ଯ୍ୟ କର

ଜଗତ୍‌ସିଂହପୁର,୭।୭
(ପ୍ରମୋଦ କୁମାର ନାୟକ)

ଜନସାଧାରଣଙ୍କ ଆବଶ୍ୟକତା ପୂରଣରେ କୌଣସିମତେ ବାଧା ଉପୁଜିବା ଉଚିତ ନୁହେଁ। ଏହା ଆମର କର୍ତ୍ତବ୍ୟ। ଯଦି ଆମର କୌଣସି ଦୋଷ, ତ୍ରୁଟି ରହୁଛି ସ୍ୱର ଉଠିବା ଉଚିତ। କିନ୍ତୁ କୌଣସି ପ୍ରକାର ଆକ୍ରୋଶମୂଳକ ମନୋଭାବ ନେଇ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଯିବା ଠିକ୍ ନୁହେଁ। ବ୍ୟକ୍ତିଗତ ସ୍ୱାର୍ଥ ତଥା ଦଳୀୟ ମନୋଭାବରୁ ଦୂରରେ ରହି ସାହସିକ କାର୍ଯ୍ୟ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଏହା କହିଛନ୍ତି ନବ ନିର୍ବାଚିତ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଏହାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅମରେନ୍ଦ୍ର କହିଥିଲେ, ମୁଁ କ୍ଷମତାରେ ଅଛି କି ଆମେ ସରକାରରେ ଅଛୁ ମାନେ ଯାହା ଚାହିଁବୁ ତାହା ଚାଲିବ ସେମିତି ନୁହେଁ। ଏଭଳି ଭାବନା ମଧ୍ୟ ଠିକ୍ ନୁହେଁ। ଅନୁରୂପ ଭାବେ ଯିଏ ବିରୋଧୀ ଦଳରେ ଅଛନ୍ତି ସେ ଯେ ସବୁ କଥାକୁ ବିରୋଧ କରିବେ ତାହା ମଧ୍ୟ ଠିକ୍ ନୁହେଁ। ସବୁବେଳେ ନିରପେକ୍ଷତା ଉପରେ ଜୋର ଦେବାକୁ ହେବ। ଇତିହାସ କହୁଛି, ଯିଏ କ୍ଷମତାର ଅପବ୍ୟବହାର କରିଛନ୍ତି, ସେମାନଙ୍କୁ କ୍ଷମା ମିଳିନି। ବିଜେଡି ସରକାର ଥିବା ସମୟ କଥା ମନେପକାଇ କହିଥିଲେ ଆପଣମାନେ ଗୋଟେ ଧାରା, ବ୍ୟବସ୍ଥା ଭିତରେ ଥିଲେ। ଆଜି ଆମେ ଯେଉଁ ବ୍ୟବସ୍ଥା ଭିତରକୁ ଆସିଛୁ, ଆମ ସହ ମିଶିକି କାମ କରିବାକୁ ହେବ। ଠିକ୍ ବ୍ୟକ୍ତିଙ୍କୁ କୌଣସି ସୁବିଧାରୁ ବଞ୍ଚିତ କରିବା ନାହିଁ। ଜଗତ୍‌ସିଂହପୁର ପୌର ପରିଷଦ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଗୋଟିଏ ଲକ୍ଷ୍ୟ ରହିବ ମାଟି ପାଇଁ କିଛି କାମ କରିବା। ପ୍ରକଳ୍ପ କରି ଦିଅନ୍ତୁ। ମୁଁ ସରକାରରେ ବସି ଅନୁମୋଦନ କରି ଆଣିବି ବୋଲି ବିଧାୟକ ଅମରେନ୍ଦ୍ର ଜଗତ୍‌ସିଂହପୁର ପୌର ପରିଷଦ ପଦାଧିକାରୀଙ୍କୁ ଭରସା ଦେଇଥିଲେ। ଏହି ଅବସରରେ ସେ ସବୁ ୱାର୍ଡରେ ମଶାଧୂଆଁ ଦେବା ପାଇଁ ପରାମର୍ଶ ଦେଇଥିଲେ। ଜଗତ୍‌ସିଂହପୁରରେ ଗୋଶାଳା ଅଭାବକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ଗୋଶାଳା ପାଇଁ ଅନୁଦାନ ଯୋଗାଇ ଦେଇଥିବା କଥା ଶୁଣାଯାଏ। କିନ୍ତୁ କ'ଣ ପାଇଁ ହେଉନି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଏନେଇ ଯାହା ସହଯୋଗ ଦରକାର ସେ ଦେବେ। ଗୋଶାଳାର ଆବଶ୍ୟକତା କଥା ଜୋର ଦେଇ ସେ କହିଥିଲେ, କିଛି ଦିନ ପୂର୍ବରୁ ଜଗତ୍‌ସିଂହପୁର ଅଞ୍ଚଳରୁ ୩୭ଟି ଗାଈ ଧଳତଙ୍ଗଗଡ଼ ପାଖ ଏକ ବେସରକାରୀ ଗୋଶାଳାକୁ ପଠାଯାଇଥିଲା। ଅନେକ ଲୋକ ସେଠାରେ ଗୋରୁ ପହଞ୍ଚାଇ ଦେଉଥିବାରୁ ସଂସ୍ଥା କ୍ଷମତା ବାହାରକୁ ଚାଲିଯାଉଛି। ଏହାଦ୍ୱାରା ପ୍ରତ୍ୟେକ ଗୋରୁଙ୍କୁ ସଂସ୍ଥା ଆବଶ୍ୟକ ଖାଦ୍ୟ ଓ ଚିକିତ୍ସା କରି ପାରୁ ନ ଥିବା ଶୁଣାଯାଉଛି। ଏଥିମଧ୍ୟରେ ୬ଟି ଗାଈର ଖାଦ୍ୟାଭାବରୁ ମୃତ୍ୟୁ ହୋଇଯାଇଛି। ଏହି ଗାଈମାନଙ୍କୁ ବଞ୍ଚାଇ ରଖିବା ଆମ ଦାୟିତ୍ୱ ଥିଲା। ପ୍ରାଣୀ ସମ୍ପଦ ବିଭାଗ ସେବା ଏବଂ ଔଷଧ ଦେଉଥିବାରୁ ଅସୁବିଧା ନାହିଁ। ତେଣୁ ଜଗତ୍‌ସିଂହପୁରରେ ଗୋଶାଳା ସହ ପ୍ରାଣୀମାନଙ୍କ ଆବଶ୍ୟକ ସେବା ଓ ଚିକିତ୍ସା ପାଇଁ ଧ୍ୟାନ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜଗତ୍‌ସିଂହପୁର ପୌର ନିର୍ବାହୀ ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ ଅଛନ୍ତି ଜଗତ୍‌ସିଂହପୁର ତହସିଲଦାର ତାରେଣୀ ରାୟ। କେବଳ ତହସିଲ ନୁହେଁ, ପରିଷଦ ପାଇଁ ମଧ୍ୟ ସମୟ ଦେବାକୁ ବିଧାୟକ ତାଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ନିର୍ବାହୀ ଅଧିକାରୀ ରାୟ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପାରିଷଦଗଣ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।



ସଭାରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

### ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

- ଆକ୍ରୋଶ ରଖିଲେ ଉନ୍ନତି ବାଧାପ୍ରାପ୍ତ ହେବ
- ଜଗତ୍‌ସିଂହପୁରରେ ଗୋଶାଳା ହେବା ଜରୁରୀ
- ମଶାଧୂଆଁ ସବୁ ୱାର୍ଡରେ ଛାଡ଼

# ମା', ମାଟି, ମାତୃଭାଷାର ଉନ୍ନତି ପାଇଁ ଯତ୍ନବାନ ହୁଅ

### ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା

ଜଗତ୍‌ସିଂହପୁର,୭।୭(ପ୍ରମୋଦ ନାୟକ)

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଏହି ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ନିମନ୍ତେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ଦୁଇଟି ବିଭାଗ ଯଥା କନିଷ୍ଠ ବର୍ଗ(କ) ଓ ବରିଷ୍ଠ ବର୍ଗ(ଖ)ରେ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରମାନେ ଆସନ୍ତା ୧୪ ଏବଂ ୧୭ ତାରିଖ ପୂର୍ବାହ୍ନ ୧୦ଟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଏକତ୍ରିତ ହେବା ସହ ପୁନଶ୍ଚ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ଆସନ୍ତା ୨୫ରେ ହେବାକୁ ଥିବା ସ୍ୱନକ୍ଷତ୍ର ଦିବସରେ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ଏନେଇ ଜିଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଶରତ ଚନ୍ଦ୍ର ବାରିକ, ନଗେନ୍ଦ୍ର ପଣ୍ଡା, ବିଜୟ କୁମାର ରଥ, ଉମାକାନ୍ତ ନାୟକ, ଡ. ଜ୍ୟୋତିର୍ମୟୀ ମହାନ୍ତି, ଶରତ ମହାରଣା, କୈଳାସ ଚନ୍ଦ୍ର ସାଇଁ, କୈଳାସ ପରିଡ଼ା, ସୁକାନ୍ତ ରାୟ, ନିକୁଞ୍ଜ କିଶୋର ବେହେରା, ପ୍ରତାପ କିଶୋର ମହାପାତ୍ର, ନିରଞ୍ଜନ ମହାନ୍ତି ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ଶେଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମା', ମାଟି ଓ ମାତୃଭାଷାର ଉନ୍ନତି ଦିଗରେ ଯତ୍ନବାନ ହେବାପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଶ୍ୱପ୍ରସିଦ୍ଧ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଯୋଗଦେଇଥିଲେ। ଶେଷରେ ଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ପାରାଦୀପରେ ଆଉ ଭାଇଗିରି ଚଳିବ ନାହିଁ

### ଶିଳ୍ପମନ୍ତ୍ରୀ ସମ୍ପଦଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,୭।୭(ଶରତ ରାଉତ)

ପାରାଦୀପ ବଡ଼ପଡିଆ ଥାନା ଛକରେ ଶନିବାର ରାତି ୧୦ଟାରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁଥ ମର୍ଚ୍ଚାଣ୍ଟ ଗ୍ରୁପ ପକ୍ଷରୁ ଆୟୋଜିତ ସଭାରେ ସ୍ଥାନୀୟ କାଉନ୍‌ସିଲର ଗୋଲକ ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ପ୍ରତାପ ନାୟକ, ସୁବ୍ରତ ପ୍ରଧାନ ଓ ବ୍ୟବସାୟୀମାନେ ସାମିଲ ହୋଇଥିଲେ। ସମ୍ବର୍ଦ୍ଧନା ସମୟରେ ବଡ଼ପଡିଆ ବଣିକମାନଙ୍କ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୋର୍ଟ ବଣିକ ସଂଘ କର୍ମକର୍ତ୍ତାଙ୍କ ବିରୋଧରେ କେତେଜଣ ଆପତ୍ତି କରିଥିଲେ। ସମସ୍ତ କଥା ଶୁଣିବା ପରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ପାରାଦୀପରେ ଆଉ ଭାଇଗିରି ଚଳିବ ନାହିଁ। ଏବେଠାରୁ ସତର୍କ ହୋଇଯାଆନ୍ତୁ। କାହାକୁ ଛଡ଼ାଯିବ ନାହିଁ। ମୋର ରାଜନୀତି କରିବା ପାଇଁ ଆଦୌ ଇଚ୍ଛା ନ ଥିଲା। ବ୍ୟବସାୟ କାମରେ ଯେଉଁ ଅଫିସକୁ ଗଲେ ଭାଇଙ୍କୁ ପଚାର ବୋଲି ଶୁଣିବାକୁ ପଡୁଥିଲା। ଆଉ ଭାଇମାନଙ୍କ ପଛରେ ରାଜନେତା ରହୁଥିଲେ। ସେଥିପାଇଁ ପଣ କରିଥିଲି ରାଜନୀତି କରିବି ଏବଂ ଏଭଳି ଦାଦାଗିରି ବିରୋଧରେ ପ୍ରତିବାଦ କରିବି। ଆପଣମାନଙ୍କ ଆଶୀର୍ବାଦରୁ ମୁଁ ଏବେ ମନ୍ତ୍ରୀ ହୋଇଛି। ସେଥିପାଇଁ କଥା ଦେଉଛି ଭାଇଗିରି ବନ୍ଦ ହେବ। ଏଥିସହ ବ୍ୟବସାୟୀମାନଙ୍କର ଯେଉଁ ସମସ୍ୟା ଅଛି, ତାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ସହ ଆଲୋଚନା କରି ସମାଧାନ କରାଯିବ। ଏଥିସହ ସାରା ରାଜ୍ୟରେ ଯେଉଁଠି ଶିଳ୍ପ ଅଛି, ସେହି ଜିଲାର ବେକାରମାନଙ୍କୁ କିପରି ନିଯୁକ୍ତି ସୁଯୋଗ ମିଳିବ ସେଥିପାଇଁ ଖସଡ଼ା ପ୍ରସ୍ତୁତ କରାଯାଉଛି। ବେକାରିମାନଙ୍କୁ ପ୍ରଥମେ ଦକ୍ଷିଣ ବିକାଶ ଜରିଆରେ ଯୋଗ୍ୟ କରାଯିବ। ପରେ ସେମାନଙ୍କୁ କମ୍ପାନୀରେ ନିଯୁକ୍ତି ମିଳିବ। ଏହା ସରକାରୀ ସ୍ତରରେ କରାଯିବ ବୋଲି ମନ୍ତ୍ରୀ କହିଥିଲେ।


ସମ୍ବର୍ଦ୍ଧନା ସଭାରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ।

# ୫୩ ବର୍ଷ ପରେ ରଥ ଉପରେ ତିନି ଠାକୁରଙ୍କ ନବଯୌବନ ଦର୍ଶନ

ରଣପୁର,୭।୭(ସୁକାନ୍ତ କିଶୋର ଡାକୁଆ)



ରଣପୁରରେ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଉଛି।

■ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ
■ ୩ ରଥରେ ଛେରା ପହଁରା କଲେ ରାଜା
■ ରଥ ଟଣା ନ ହେବାରୁ ନିରାଶ ହେଲେ ଭକ୍ତ

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ରବିବାର ପବିତ୍ର ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲାର ରଣପୁର ଶ୍ରୀମନ୍ଦିରରୁ ଶ୍ରୀଜୀଉମାନେ ୯ ଦିନ ପାଇଁ ନିଜର ଜନ୍ମମାଟି ମାଉସୀ ମା'ମନ୍ଦିରକୁ ଯିବା ପାଇଁ ରଥାରୁଢ଼ ହୋଇଛନ୍ତି। ଦୀର୍ଘ ୫୩ ବର୍ଷ ପରେ ଗୋଟିଏ ଦିନରେ ନବଯୌବନ ଦର୍ଶନ ଓ ନେତ୍ରଉତ୍ସବ ପଡୁଥିବାରୁ ରଣପୁରରେ ରବିବାର ରଥଟଣା ହୋଇପାରିନାହିଁ। କେବଳ ରଥ ଉପରେ ଶ୍ରଦ୍ଧାଳୁମାନେ ତିନି ଠାକୁରଙ୍କୁ ନବଯୌବନ ବେଶରେ ଦର୍ଶନ କରିଛନ୍ତି । ଏଥିପାଇଁ ସକାଳୁ ରଣପୁର ଦାଣ୍ଡ ହୋଇଯାଇଥିଲା ଲୋକାରଣ୍ୟ । ତିନି ରଥ ପ୍ରତିଷ୍ଠା କରାଯିବା ପରେ ନିର୍ଦ୍ଧାରିତ ସମୟରେ ବାଜି ଥିଲା ବିଜେ କାହାଳୀ । ଅପରାହ୍ନ ୨ଟା୩୦ରେ ଆରମ୍ଭ ହୋଇଥିଲା ଠାକୁରମାନଙ୍କ ପହଣ୍ଡି ବିଜେ । ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ହରିନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ରଣପୁର ଜଗନ୍ନଥ ମନ୍ଦିର ପରିସର । ମନ୍ଦିର ଛାଡି ଠାକୁରମାନେ ୯ ଦିନ ପାଇଁ ଆସିଥିଲେ ଦାଣ୍ଡକୁ । ଏହାପରେ ଭକ୍ତ ଓ ଭଗବାନଙ୍କ ହୋଇଥିଲା ମହାମିଳନ। ଏହି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେବାୟତଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତିରେ ସାମାନ୍ୟ ବିଳମ୍ବ ହୋଇଥିଲା । ସମସ୍ତ ନୀତିକାନ୍ତି ପରେ ଠାକୁରମାନେ ସିଂହଦ୍ୱାର ଛାଡିଥିଲେ । ପ୍ରଥମେ ଶ୍ରୀ ସୁଦର୍ଶନ ଦେବଦଳନ ରଥରେ ବିଜେ କରିବା ପରେ ବଡ଼ ଠାକୁର ଆସିଥିଲେ । ଦେବୀ ସୁଭଦ୍ରା ପହଣ୍ଡି ହୋଇ ରଥାରୁଢ଼ ହୋଇଥିଲେ । ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥରେ ବିଜେ କରାଯାଇଥିଲା । ପହଣ୍ଡି କାର୍ଯ୍ୟ ଶେଷ ହେବା ପରେ ପରମ୍ପରା ଅନୁଯାୟୀ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂଦେଓ ପାଲିଙ୍କ ଶୋଭାଯାତ୍ରାରେ ମନ୍ତ୍ରୀ ସେନାପତିଙ୍କ ସହିତ ରାଜଉଆସରୁ ଆସି ତିନି ରଥରେ ଛେରା ପହଁରା କରିଥିଲେ । ହେଲେ ରଥ ଟଣା ରବିବାର କରାଯାଇ ନ ଥିଲା । ଏହାକୁ ନେଇ ଭକ୍ତମାନେ ନିରାଶ ହୋଇ ଥିଲେ । ସୋମବାର ରଥ ଟଣା ହୋଇ ମାଉସୀ ମା' ମନ୍ଦିର ଯିବ । ରାତିରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ମାଉସୀ ମା'ମନ୍ଦିରକୁ ବିଜେ କରାଯିବ ବୋଲି ଦେବୋତ୍ତର ଅଧିକାରୀ ପ୍ରକାଶ କରିଛନ୍ତି । ଏହି ରଥଯାତ୍ରାରେ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ରଣପୁର ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସହିତ ବହୁ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ଥିଲେ । ବ୍ୟାପକ ପୋଲିସ ଫୋର୍ସ ରଥଯାତ୍ରା ପାଇଁ ମୁତୟନ କରାଯାଇଥିଲା ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱଜିତ୍



@ ଛୁଲଙ୍ଗ



@ ପପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୁଗୁଡ଼ା କନ୍ୟାଶ୍ରମରେ ବନ ମହୋତ୍ସବ ପାଳିତ



ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ।

ଦଶପଲ୍ଲା,୭।୭(ପ୍ରକାଶ କୁମାର ପାଣି)

ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଆଦିବାସୀ ମଙ୍ଗଳ ବିଭାଗ ପରିଚାଳିତ ଦଶପଲ୍ଲା ବ୍ଲକ୍‌ର ବୁଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ(ବୁଗୁଡା କନ୍ୟାଶ୍ରମ)ପରିସରରେ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଣିଗୋଛା ବନ୍ୟପ୍ରାଣୀ ବନାଞ୍ଚଳ(ପଶ୍ଚିମ) ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ୟାଶ୍ରମର ଅନ୍ତେବାସୀମାନେ ପ୍ରତ୍ୟେକ ଗୋଟିଏ ଲେଖାଏ ଚାରା ରୋପଣ କରିଥିଲେ । ସେହି ଚାରର ଯତ୍ନ ନେବାପାଇଁ ନିଷ୍ପତ୍ତି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରିଣୀ ସ୍ନିଗ୍ଧା ସରିତା ବଳିଆରସିଂହ ଯୋଗ ଦେଇଥିବା ବେଳେ ବନପାଳ ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ନମିତା ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟରେ କନ୍ୟାଶ୍ରମର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ବନାଞ୍ଚଳ ଅଧିକାରିଣୀଙ୍କ ନିର୍ଦ୍ଦେଶ କ୍ରମେ ବୁଗୁଡା ସେକ୍ସନ ବନପାଳ ଦୀପ୍ତିରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବାଣିଗୋଛା ପଶ୍ଚିମ ବନାଞ୍ଚଳର ବିଭିନ୍ନ ଆଦିବାସୀ ଗ୍ରାମରେ ଜଙ୍ଗଲ ସୁରକ୍ଷା, ଅଗ୍ନି ନିରାପତ୍ତା,ଚାରା ରୋପଣ, ବନ୍ୟପ୍ରାଣୀ ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସଚେତନତା ସୃଷ୍ଟି କରାଯାଉଛି ।

# ଗୁମି ଫରେଷ୍ଟ ସେକ୍ସନ ଅଞ୍ଚଳରେ ବାଘ ଆତଙ୍କ

ନୂଆଗାଁ/ଓଡ଼ଗାଁ ୭।୭ (ଧନେଶ୍ୱର ସାହୁ / ଆଦର୍ଶ କୁମାର ପଟ୍ଟନାୟକ)



ବନ୍ୟଜନ୍ତୁର ଶିକାର ହୋଇଥିବା ବାଛୁରୀ ।

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ, ମହିପୁର ବନାଞ୍ଚଳ ନୂଆଗାଁ ବ୍ଲକ ବାହାଡାଖୋଲା ଓ ଗୁମି ଫରେଷ୍ଟ ସେକ୍ସନ ସୀମାନ୍ତ ଅଞ୍ଚଳରେ ବାଘ ଆତଙ୍କ ଦେଖା ଦେଇଥିବା ଅଞ୍ଚଳବାସୀ କହିଛନ୍ତି । ଏପରି କି ଶନିବାର ଗୋଟିଏ ବାଛୁରୀକୁ ଘୋଷାଡି ନେଇ ବାଘ ଖାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଆଦିବାସୀ ଲୋକମାନେ ଜଙ୍ଗଲକୁ ଯାଇଥିଲେ । ସେଠାରେ ଜଙ୍ଗଲରେ ବାଘର ପାଦ ଚିହ୍ନ ପଡିଥିବା ଦେଖିବାକୁ ପାଇଥିଲେ । ଏହା ଦେଖିବା ପରେ ଲୋକମାନଙ୍କ ମନରେ ବାଘର ଆତଙ୍କ ଖେଳି ଯାଇଥିଲା । ଯାହା ଫଳରେ କାପ୍ତାପଲି ଅଞ୍ଚଳର ଆଖପାଖ ଗ୍ରାମର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଶନିବାର ଗାଈ ଚରାଳି ଜଙ୍ଗଲକୁ ଗାଈ ଗୋଠ ନେଇ ଚରାଇବାକୁ ଯାଇଥିଲେ । ଫେରିବା ବେଳେ ଗାଈ ଗୋଠରେ ଗୋଟିଏ ବାଛୁରୀ ନ ଥିବା ଦେଖି ସ୍ଥାନୀୟ ଲୋକେ ବାଛୁରୀକୁ ଖୋଜିବାକୁ ଜଙ୍ଗଲକୁ ଯାଇଥିଲେ । ତେବେ ଜଙ୍ଗଲରେ ବାଛୁରୀକୁ ମାରି ବାଘ ଅଧା ଖାଇ ଛାଡି ଚାଲି ଯାଇଥିବା ଲୋକମାନେ କହିଛନ୍ତି । ଏପରି କି ବାଘ ପାଦ ଚିହ୍ନ ଓ ବାଛୁରୀକୁ ଘୋଷାଡି ନେବାର ଚିହ୍ନ ରହିଥିବା ଲୋକେ ଦେଖିଥିବା କହିଛନ୍ତି । ଏ ବାବଦରେ ଗୁମି ଫରେଷ୍ଟର ପବିତ୍ର କୁମାର ପରିଡ଼ାଙ୍କୁ ପଚାରିବାରେ ବାଛୁରୀକୁ କୌଣସି ବନ୍ୟଜନ୍ତୁ ଆକ୍ରମଣ କରି ମାରି ଖାଇଥିବା କଥା ସତ । ହେଲେ ଆକ୍ରମଣ କରିଥିବା ବନ୍ୟଜନ୍ତୁ ବାଘ କି କ'ଣ ତାହା ଜଣା ପଡିନାହିଁ । ତେଣୁ ବନ୍ୟଜନ୍ତୁ ଜାଣିବା ଆମେ ଜଙ୍ଗଲରେ କ୍ୟାମେରା ଲଗାଇ ତଦନ୍ତ କରୁଛୁ ବୋଲି କହିଛନ୍ତି ।

# ଭତ୍ତା ପାଇବା ଅପେକ୍ଷାରେ ୧୧୭୧ ଆବେଦନକାରୀ

ନୂଆଗାଁ,୭।୭(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଜାଲିଆତି କରି ଅନେକ କମ୍ ବୟସର ବ୍ୟକ୍ତି ଓ ସୁସ୍ଥ ସବଳ ଯୁବକ ଭତ୍ତା ପାଉଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ଆବେଦନ କରି ଭତ୍ତା ପାଇବାକୁ ଆଶା କରି ଅପେକ୍ଷା କରିଛନ୍ତି ।

ନୂଆଗାଁ ବ୍ଲକରେ ଜାଲିଆତି କରି , ମିଥ୍ୟା ପ୍ରମାଣ ପତ୍ର ଆଧାରରେ ଅନେକ ବ୍ୟକ୍ତି ଭତ୍ତା ପାଉଥିବା ବେଳେ ଅନେକ ସୁସ୍ଥ ସବଳ ଯୁବକ ଭିନ୍ନକ୍ଷମ ପ୍ରମାଣ ପତ୍ର ଦେଇ ଭତ୍ତା ହାତେଇଛନ୍ତି । ଅସାଧୁ ଉପାୟରେ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଭତ୍ତା ହଡପ କରାଯାଉଥିବା ବେଳେ ଅନେକ ଯୋଗ୍ୟ ହିତାଧିକାରୀ ଏବେ ବି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ନୂଆଗାଁ ବ୍ଲକରେ ମୋଟ ୧୫୯୦୨ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଭତ୍ତା ପ୍ରଦାନ କରାଯାଉଛି । ସେଥି ମଧ୍ୟରୁ ୧୦୬୧୦ ଜଣ ହିତାଧିକାରୀ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବେଳେ ୩୬୪୫ ଜଣ ହିତାଧିକାରୀ ଇନ୍ଦିରାଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା , ୪୫୮ ଜଣ ହିତାଧିକାରୀ ଭିନ୍ନକ୍ଷମ ଭତ୍ତା ଓ ୧୧୮୯ ଜଣ ହିତାଧିକାରୀ ବିଧବା ଭତ୍ତା ପାଉଛନ୍ତି । ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ୧୧୭୧ ଜଣ ହିତାଧିକାରୀ ଭତ୍ତା ପାଇଁ ଅନ୍‌ଲାଇନରେ ଆବେଦନ କରିଛନ୍ତି । ତେଣୁ ଅସାଧୁ ଉପାୟରେ ଭତ୍ତା ହାତେଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମକୁ କାଟି ଆବେଦନ କରି ଅପେକ୍ଷାରତ ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ଦାବି ହେଉଛି ।

# 'ବିଚାରପଥର'ର ପାଠକୀୟ ଚର୍ଚ୍ଚା



'ବିଚାରପଥର'ର ପାଠକୀୟ ଚର୍ଚ୍ଚାରେ ଯୋଗଦେଇଥିବା ଅତିଥି।

ନୟାଗଡ଼,୭।୭(ଲୋକନାଥ ମିଶ୍ର)

ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଉପନ୍ୟାସ 'ବିଚାରପଥର'ର ପାଠକୀୟ ଚର୍ଚ୍ଚା ଶନିବାର ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନୟାଗଡ଼ର ନୀଳମାଧବ କଲ୍ୟାଣ ମଣ୍ଡପ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ବିଶିଷ୍ଟ ସାରସ୍ୱତ ସାଧକ ତଥା ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। 'ବିଚାରପଥର'ଉପନ୍ୟାସର ସଫଳ ପାଠକୀୟ ସ୍ୱୀକୃତି ଉପରେ ଆଲୋକପାତ କରିଥିଲେ। ହଜିଯାଉଥିବା ଶବ୍ଦମାନଙ୍କୁ ପ୍ରୟୋଗ କରି ଲୋକପ୍ରିୟ ସାହିତ୍ୟସୃଷ୍ଟିରେ ମହାପାତ୍ର ଜଣେ ଧୂରୀଣ ସାରସ୍ୱତ ସାଧକ ବୋଲି ଡ.ସାହୁ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟସ୍ରଷ୍ଟା ନିରଞ୍ଜନ ସାହୁ ସମାଜର ବିବର୍ତ୍ତନରେ ରଚନାତ୍ମକ ସାହିତ୍ୟର ଭୂମିକା ଉପରେ ଆଲୋଚନା ରଖିବା ସହିତ ଏହାକୁ ମତବାଦରୁ ଊର୍ଦ୍ଧ୍ୱରେ ମାନବବାଦ ଆଡ଼କୁ ଆଗେଇ ନେବାପାଇଁ ଆହ୍ୱାନ ରଖିଥିଲେ। ପୁସ୍ତକର ସମୀକ୍ଷକ ଅଧ୍ୟାପକ ଆଶୁତୋଷ ମିଶ୍ର ବିଚାରପଥର ଉପନ୍ୟାସର ସଫଳ ଚରିତ୍ର ସଂରଚନା, ବିଷୟବସ୍ତୁର ଉତ୍କର୍ଷ, ଉପାଦେୟ ଦିଗ୍‌ଦର୍ଶନ, ଉତ୍କଣ୍ଠା ଉଦ୍ରେକକାରୀ କାହାଣୀର ଉପସ୍ଥାପନା ଓ ଲେଖକଙ୍କ ଦୃଢ଼ ଶ୍ରେଣୀଗତ ଅବସ୍ଥାନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ରଞ୍ଜୁବାଳା ପ୍ରକାଶନୀର ମୁଖ୍ୟ ଶରତ ଚନ୍ଦ୍ର ବେହେରା ଅତିଥି ପରିଚୟ ସହିତ ସ୍ୱାଗତ ସମ୍ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ଓ ଶିକ୍ଷାବିତ୍ ପ୍ରଫେସର ମାଧବ ଚନ୍ଦ୍ର ମିଶ୍ରଙ୍କୁ ମାନପଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲ। ସାହିତ୍ୟିକ ବିରଞ୍ଚି ନାରାୟଣ ତ୍ରିପାଠୀ, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ସୁକାନ୍ତି ମହାନ୍ତି ପ୍ରମୁଖ ବିଚାରପଥ ଉପନ୍ୟାସର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୁକାନ୍ତି ମହାନ୍ତିଙ୍କ ପୁସ୍ତକ କୃଷ୍ଣଚୂଡ଼ାର ରଙ୍ଗ ଉନ୍ମୋଚିତ ହୋଇଥିଲା।

# ଗୋଡିପଡ଼ାରେ ରଥଯାତ୍ରା

ନୟାଗଡ଼,୭।୭(ଲୋକନାଥ ମିଶ୍ର)

ନୟାଗଡ଼,ରଣପୁର ଓ ଓଡ଼ଗାଁ ବ୍ଲକର ସୀମାନ୍ତ ଅଞ୍ଚଳ ଗୋଡିପଡାରେ ପୂଜା ପାଉଥିବା ଜଗନ୍ନାଥ ,ବଳଭଦ୍ର ଓ ସୁଭଦ୍ରାଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଅପରାହ୍ନ ୫ଟାରେ ରଥଟଣା ହୋଇଥିଲା । ଅପରାହ୍ନ ୨ଟାରେ ଶ୍ରୀଜୀଉ ମାନଙ୍କ ସେନାପଟା କରାଯିବା ସହ ଟାହିଆ ବନ୍ଧା ଯାଇଥିଲା । ସାଢ଼େ ୨ଟାରେ ମଙ୍ଗଳାପଣ ଓ ରାଜଭେଟି କରାଯିବାପରେ ଘଣ୍ଟ, କାହାଳୀ ,ବାଜା ଧ୍ୱନୀରେ ଜୀଉ ମାନଙ୍କର ବିଜେ କରାଯାଇଥିଲା । କ୍ଷେତ୍ରବାସୀ ସାହୁ ଛେରାପହଁରା କରିବାପରେ ଅପରାହ୍ନ ୫ଟାରେ ରଥ ଟଣା ହୋଇଥିଲା । ପୂଜକ ଗଣେଶ୍ୱର ମିଶ୍ର ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ପୀଠରେ ୧୯୯୬ରୁ ଛୋଟଛୋଟ ପିଲାମାନେ ରଥଯାତ୍ରା କରିଆସୁଥିବାବେଳେ ମନ୍ଦିରରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଉଛନ୍ତି ମହନ୍ତସାହିର ଗ୍ରାମବାସୀ । ବଡତେଲିସାହି ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଇଥାନ୍ତି । ସେହିପରି ଓଡ଼ଗାଁ ବ୍ଲକର ବଡଗୋରଡା, ଭାଲିଆଡିହି, ବାଉଁଶିଆ, ହରିହରପୁର, କୋତରଙ୍ଗ, ରଣପୁର ବ୍ଲକର ତଲାରୀବନ୍ଧରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି । ସେହିପରି ନୟାଗଡ଼ ସହରର ୪ ନଂ ୱାର୍ଡର ଆଖଣ୍ଡଳମଣି ସାହିରେ ବସ୍ତିପିଲାମାନେ ରଥ ଟାଣିଥିଲେ ।

# ପୋଖରୀ ହୁଡାରେ ଚାରା ରୋପଣ

ନୟାଗଡ଼,୭।୭(ଲୋକନାଥ ମିଶ୍ର)

ନୟାଗଡ଼ର ମା ' ଫାଉଣ୍ଡେଶନ ପକ୍ଷରୁ ୭୫ତମ ବନ ମହୋତ୍ସବ ସପ୍ତାହ ଅବସରରେ ସ୍ଥାନୀୟ ଯଦୁମଣି ନଗରସ୍ଥ ପୋଖରୀ ହୁଡ଼ାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ସାମାଜିକ କର୍ମୀ ଦାମୋଦର ସାହୁ ଓ ଅଧ୍ୟାପକ ଗଣେଶ ମିଶ୍ର, ଉପ ସଭାପତି ଗୋପୀ ସେଠୀ, ବୁଲବୁଲ, ସତ୍ୟବ୍ରତ ଲେଙ୍କା, ସୁଧାଂଶୁ ଶେଖର ପଣ୍ଡା, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଗର ବିଶ୍ୱାଳ, ରବି ଖୁଣ୍ଟିଆ ଯୋଗ ଦେଇ ଚାରା ରୋପଣ କରିଥିଲେ । ୧୫ଟି ବଉଳ, ପେସ୍ତା ବାଦାମ, କାଠ ବାଦାମ, ଓଉ ଗଛ ରୋପଣ ହୋଇଛି। ଗଛଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଅନୁଷ୍ଠାନ ତରଫରୁ ପାଣି ସଂଗ୍ରହ କରି ବାଉଁଶ ଅଟେଇର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଅନୁଷ୍ଠାନ ତରଫରୁ କେବଳ ୧୦୦ଟି ଗଛ ଲଗାଯାଇ ତାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସମସ୍ତେ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠାନର ସମ୍ପାଦକ ରଞ୍ଜନ ରଶ୍ମି ଜେନା ଓ ସହ ସମ୍ପାଦକ ବିଜୟାନନ୍ଦ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।




# ଶିଳ୍ପପତିଙ୍କ ପରଲୋକ

ଓଡଗାଁ,୭।୭(ଆଦର୍ଶ କୁମାର ପଟ୍ଟନାୟକ)



ନୟାଗଡ଼ ଜିଲା ଓଡଗାଁ ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ତଥା ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ପୁରୁଷୋତ୍ତମ ପାତ୍ର (ଗୁକୁ ଆନ୍ନା)ଙ୍କ ଶନିବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ରାତିରେ ବ୍ରହ୍ମପୁରରୁ ଫେରି ଘରେ ଶୋଇଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ହସ୍ପିଟାଲ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ସେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ସେ ରାଜ୍ୟ କଳିଙ୍ଗ ବୈଶ୍ୟ ସମାଜର ସଭାପତି ରହି ଅନେକ ଜନହିତକର କାର୍ଯ୍ୟ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଏକମାତ୍ର ପୁଅ ଜଗନମୋହନ ମୁଖାଗ୍ନି ଦେଇଥିଲେ ।

# ରାସ୍ତା ବନ୍ଦ କରି କଂକ୍ରିଟ ଢଳେଇ

ଗଣିଆ,୭।୭(ସନ୍ତୋଷ କୁମାର ପ୍ରଧାନ)

## ବର୍ଷା ଋତୁରେ ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ଗଣିଆ ବ୍ଲକ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତବାସୀଙ୍କ ପାଇଁ ଗଣିଆ–ବଡମୂଳ ରାସ୍ତା ଦୁଃଖ ପାଲଟିଛି । ଗତ ୫ ବର୍ଷ ତଳେ ଏହି ପୂର୍ତ୍ତ ବିଭାଗ ରାସ୍ତାର ନବୀକରଣ ଲକ୍ଷ୍ୟରେ ରାଜନୈତିକ ଓ ପ୍ରଶାସନିକସ୍ତରରେ ଆଲୋଚନା କରାଯାଇ ପୂର୍ତ୍ତ ବିଭାଗରୁ ଏହି ରାସ୍ତାକୁ ଗ୍ରାମ୍ୟ ଓ ନଗର ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଆଶାଥିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ରାସ୍ତା ନବୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହୋଇଯିବା ସହ ରାସଙ୍ଗ, ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତର ଜନସାଧାରଣ ସୁବିଧାରେ ଯାତାୟାତ କରିପାରିବେ । ହେଲେ ଗଣିଆ–କଳାପାଟ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୩ ବର୍ଷ ପୂର୍ବେ ଶେଷ ହୋଇଥିଲେ ହେଁ ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ଏହି ୧୦ କି.ମି ରାସ୍ତା ଗତ ୧ବର୍ଷ ହେବ ଖାଲଖମାରେ ପରିଣତ ହୋଇଛି । ସେହିପରି ଗତ ଦୁଇବର୍ଷ ତଳେ ଦ୍ୱିତୀୟ ପର୍ଯ୍ୟାୟରେ କଳାପାଟ–ବଡମୂଳ ରାସ୍ତା ନବୀକରଣ ପାଇଁ କାମ ଆରମ୍ଭ କରାଯାଇଥିଲା । ସମ୍ପୃକ୍ତ ଠିକାଦାର ବର୍ଷର କିଛି ମାସ ବ୍ୟବଧାନରେ ଠାଏଁ ଠାଏଁ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବା ଦେଖିବାକୁ ମିଳିଛି । ତେବେ ଗତ ଗ୍ରୀଷ୍ମ ଋତୁରେ ସମ୍ପୃକ୍ତ ଠିକାଦାର କଂକ୍ରିଟ ରାସ୍ତା ନିର୍ମାଣ ନ କରି ଚଳିତ ବର୍ଷା ଋତୁରେ ରାସ୍ତା ବନ୍ଦ କରି କଂକ୍ରିଟ ଢଳେଇ କରୁଥିବା ଅଭିଯୋଗ ହୋଇଛି । ଏହି କଂକ୍ରିଟ ଢଳେଇ ସମୟରେ ଲୋକଙ୍କ ଯାତାୟାତ ପାଇଁ ରାସ୍ତାପାର୍ଶ୍ୱରେ କୌଣସି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ ବଡମୂଳ , ବେଠିଆସାହି, ମୁଦୁଲିଗାଡିଆ ଗ୍ରାମବାସୀଙ୍କ ସମେତ ବଡଶିଲିଙ୍ଗା ପଞ୍ଚାୟତବାସୀ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ୩ ଦିନ ଧରି ବର୍ଷା ଯୋଗୁ ଅସ୍ଥାୟୀ ରାସ୍ତା ନ ଥିବାରୁ ପାଣି କାଦୁଅରେ ଲୋକମାନେ ଛୋଟ ବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତେବେ ଗତ ୩ ଦିନ ଧରି ବଡଶିଲିଙ୍ଗା ପଞ୍ଚାୟତ ଓ ବଡମୂଳ ଅଞ୍ଚଳକୁ ଯାତ୍ରୀବାହୀ ବସ, ଆମ୍ବୁଲାନ୍ସ ଯାତାୟାତ କରିପାରୁ ନ ଥିବା କୁହନ୍ତି ବେଠିଆସାହିର ସୁରେଶ କୁମାର ସାହୁ । ଅନ୍ୟପକ୍ଷେ କଂକ୍ରିଟ ଢଳେଇ କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ନ ରହିବା କାର୍ଯ୍ୟର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିବା କୁହନ୍ତି ମୁଦୁଲିଗାଡିଆ ଗ୍ରାମର ପ୍ରଶାନ୍ତ ବେହେରା । ଏ ସମ୍ପର୍କରେ ଗଣିଆ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ଲୋକଙ୍କ ଯାତାୟାତ ପାଇଁ ଠିକାଦାରଙ୍କ ସହ ଆଲୋଚନା କରି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ।

**ଦିନ ଦ୍ୱିପହରରେ ଝରକା ଭାଙ୍ଗି ଲୁଟ୍**

ପାଟକୁରା,( ରବୀନ୍ଦ୍ର ନାଥ ବାରିକ ): କୁଦାନଗରୀ ଥାନା ଜୟତଳଙ୍ଗ (କେଶୋଲ) ଗାଁର ପ୍ରଶାନ୍ତ କୁମାର ମହାନ୍ତିଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ରବିବାର ଦ୍ୱିପ୍ରହରରେ ଦୁର୍ବୃତ୍ତ ଘରର ଛରକା ଭାଙ୍ଗି ଲୁଟ୍ କରିଛନ୍ତି। ମହାନ୍ତିଙ୍କ ଭଉଣୀ ରାଜଲକ୍ଷ୍ମୀ ପୂର୍ବାହ୍ନ ୧୧ ଟାରେ ଘରେ କୋଲପ ପକାଇ ନିକଟସ୍ଥ ତାଙ୍କ ବନ୍ଧୁ ଘରକୁ ଯାଇଥିଲେ। ଆସି ଦେଖନ୍ତି ତ ଗଡ୍ରେଜ ଆଲମିରାରେ ଥିବା ସୁନା ଗହଣା ଓ ଟଙ୍କା ସବୁ ଲୁଟ୍ ହୋଇଛି। ଏ ନେଇ ଥାନାରେ ସେ ଏତଲା ଦେଇଛନ୍ତି।





କେନ୍ଦ୍ରାପଡ଼ା ଶ୍ରୀବଳଦେବ ଜୀଉ, ଭଉଣୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି।

# ଚକଡ଼ାରେ ଅଟକିଲା ବ୍ରହ୍ମ ତାଳଧ୍ୱଜ

## ତୁଳସୀକ୍ଷେତ୍ରରେ ରଥଯାତ୍ରା

କେନ୍ଦ୍ରାପଡ଼ା, ୭।୭ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଦୁଇଦିନିଆ ରଥଯାତ୍ରା ରବିବାର ଆରମ୍ଭ ହୋଇଛି। ଅପରାହ୍ନରେ ୫ଟାରେ ପହଣ୍ଡି ବିଜେ ଆରମ୍ଭ ହୋଇଥିବା ବେଳେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଚକଡ଼ାରେ ଅଟକି ରହିଛି। ସୋମବାର ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ରଥଯାତ୍ରା ପୁନର୍ବାର ଆରମ୍ଭ ହେବ। ଭକ୍ତ ଓ ଭଗବାନ ଏକାଠି ହେବା ଯୋଗୁ ସହରର ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଚଳିତବର୍ଷର ରଥଯାତ୍ରାର କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ଶନିବାର ସନ୍ଧ୍ୟାରେ ରଥ ପ୍ରତିଷ୍ଠା ସହ ନେତ ବନ୍ଧା ହୋଇଥିଲା। ରବିବାର ପ୍ରାତଃରୁ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ସହ ଜୟ ମଙ୍ଗଳା ଆଳତି ଅନୁଷ୍ଠିତ ହୋଇଥିଲା। ୫ଟାରେ ନୀତିସ୍ନାନ ଓ ବଲ୍ଲଭ ପରେ ଖେଚୁଡ଼ି ଧୂପ ଲାଗି ହୋଇଥିଲା। ଅପରାହ୍ନ ୧ଟାରେ ସେନାପଟା ଲାଗି ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟାରେ ମଣିବିଗ୍ରହ ଶ୍ରୀବଳଦେବଜୀଉ, ଅନୁଜ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରାଙ୍କ ସହିତ ସୁଦର୍ଶନଙ୍କୁ ଧରି ବ୍ରହ୍ମ ତାଳଧ୍ୱଜ ରଥକୁ ପହଣ୍ଡି ବିଜେ କରିଥିଲେ। ହରିବୋଲ, ହୁଳହୁଳି ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବଡ଼ଛତା ମଠରେ ଥିବା ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମାଙ୍କୁ ସେବାୟତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରାଇଥିଲେ। ପରେ ଶ୍ରୀଜୀଉମାନେ ବ୍ରହ୍ମ ତାଳଧ୍ୱଜ ରଥ ପ୍ରଦକ୍ଷିଣ ସହ ରଥ ଚକାସନରେ ବସିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ମହାକାଳପଡ଼ା ବିଧାୟକ ପ୍ରସନ୍ନ କୁମାର ନାୟକ, ପୌରାଧ୍ୟକ୍ଷା ସରିତା ସାହୁ, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କିଶୋର ପଣ୍ଡା ପ୍ରମୁଖ ଏହି ରଥଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୮ ପ୍ଲାଟୁନ ଫୋର୍ସ ସହିତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।

# ଗରଦପୁର, ମାହାଳରେ ରଥଯାତ୍ରା ସମ୍ପନ୍ନ

ପାଟକୁରା,୭।୭( ରବୀନ୍ଦ୍ର ନାଥ ବାରିକ )

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଗରଦପୁର ବ୍ଲକ୍ ଅନ୍ତର୍ଗତ ଗରଦପୁର ଶ୍ରୀବଳଦେବଜୀଉ ମନ୍ଦିରରେ ଓ ହରିହର କ୍ଷେତ୍ର ମାହାଳଠାରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ଦୁଇ ମନ୍ଦିରରେ ସକାଳୁ ଶ୍ରୀଜୀଉମାନଙ୍କର ରୀତିନୀତି ପରେ ମଙ୍ଗଳ ଆଳତି, ମଇଲମ, ତଡପଲାଗି ଓ ଅବକାଶ ନୀତି କରାଯାଇଥିଲା। ଗୋଟିଏ ଦିନରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ରଥ ଯାତ୍ରା ପଡୁଥିବାରୁ ହରିହର କ୍ଷେତ୍ରରେ ନବଯୌବନ ଦର୍ଶନ ନିମନ୍ତେ ଦଇତାପତି ନିଯୋଗ ପକ୍ଷରୁ ୩୨ ପ୍ରକାର ଭୋଗର ବ୍ୟବସ୍ଥା କରାଯାଇଥିଲା। ଭୋଇ ସେବାୟତମାନେ ଆଜ୍ଞାମାଳ ଆଣିଲା ପରେ ରଥ ଉପରକୁ ସେବାୟତମାନେ ଯାଇ କଳସ ଓ ନେତ ବାନ୍ଧିଥିଲେ। ପରେ ଚାର ମାଳ ଯୋଡା ଯାଇ ରଥ ପ୍ରତିଷ୍ଠା କରାଯାଇଥିଲା। ମାହାଳ ହରିହର କ୍ଷେତ୍ରରେ ଶ୍ରୀଜୀଉମାନଙ୍କ ନୀତି ପରେ ସୁଦର୍ଶନଙ୍କୁ ପହଣ୍ଡି କରି ମା' ସୁଭଦ୍ରାଙ୍କ ରଥରେ ରଥାରୂଢ଼ କରିବା ପରେ ବଡଭାଇ ବଳଭଦ୍ର, ମା' ସୁଭଦ୍ରା ଓ ଜଗନ୍ନାଥଙ୍କୁ ସେବାୟତମାନେ ଧାଡି ପହଣ୍ଡିରେ ରଥାରଢ଼ କରିଥିଲେ। ମାହାଳ ଶ୍ରୀଜଗନ୍ନାଥ ମନ୍ଦିରର ରଥରେ ଠାକୁର ରାଜା ପ୍ରଶାନ୍ତ କୁମାର ନାୟକ ଛେରାପହଁରା କରିଥିବାବେଳେ ଗରଦପୁର ବଳଦେବଜୀଉଙ୍କ ରଥରେ ପ୍ରସନ୍ନ ପଣ୍ଡା ଓ ଶୁଭମ ପାଣି ଛେରାପହଁରା କରିଥିଲେ। ପରେ ଅପରାହ୍ନରେ ରଥରେ ଘୋଡା ଯୋଚା ଯାଇ ପୂଜାର୍ଚ୍ଚନା ପରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ମାହାଳରେ ଶିକ୍ଷାବିତ ଡ. ଲିଙ୍ଗରାଜ ଶତପଥୀ, ଅଧ୍ୟାପିକା ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଶିକ୍ଷକ ନରେଶ କୁମାର ମହାନ୍ତି, ମେଜର ଭରତ ଚନ୍ଦ୍ର ଜେନା, ପ୍ରମୋଦ କୁମାର ପରିଡା, ଜ୍ଞାନରଞ୍ଜନ ରାଉତ, ନୃସିଂହ ଚରଣ ପରିଡା ପ୍ରମୁଖ ଉଦ୍‌ଘୋଷକ ଭାବେ ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ମାହାଳ ଏବଂ ଗରଦପୁର ରଥଯାତ୍ରାର ପରିଚାଳନା ତହସିଲଦାର ତୃପ୍ତି ମହାନ୍ତି, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା।



# ମାର୍ଶାଘାଇରେ ଘୋଷଯାତ୍ରା

ମାର୍ଶାଘାଇ,୭।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଆନନ୍ଦଉଲ୍ଲାସ ମଧ୍ୟରେ ପ୍ରଭୁ କାଳିଆ ସାଆନ୍ତଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ତାଳସଙ୍ଗା ପଞ୍ଚାୟତର ମାଣିକପୁରଠାରେ ଥିବା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ନୀତିକାନ୍ତି ସମ୍ପନ୍ନ ହେବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥରୁଢ଼ କରାଯାଇଥିଲା। ଅପରାହ୍ନରେ ହଜାର ହଜାର ଭକ୍ତଙ୍କ ଗହଣରେ ଠାକୁର ରାଜା ପ୍ରଫେସର ଅଜୟ ରାଉତ ଛେରା ପହଁରା କରିଥିଲେ। ମାତ୍ର କିଛି ବାଟ ରଥ ଟଣା ଯାଇ ଦୁର୍ଗା ମନ୍ଦିର ଆଗରେ ଅଟକିଥିଲା। ସୋମବାର ରଥ ଟଣା ଯାଇ ବିଚଣା ସାରୁପାଳ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ



ଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ରଥ ପାଖରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମ ଜାରି ରହିଛି। ସେବକ ନରେଶ ମହାନ୍ତିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସେହିପରି ଯମପଡ଼ାଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଓଁକାର କ୍ଷେତ୍ର, ଦଧିବାବନଜୀଉଙ୍କ ରଥଯାତ୍ରା

ଡେରାବିଶ,୭।୭ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଁକାର କ୍ଷେତ୍ର ଭାବେ ପରିଚିତ ପ୍ରସିଦ୍ଧ ଓଳକଣା ମେଳନ ପଡ଼ିଆରେ ରଥଯାତ୍ରା ଆରମ୍ଭ ହୋଇଛି। ମଧ୍ୟାହ୍ନରେ ୩ଦିଅଁଙ୍କୁ ଗୋଟିପହଣ୍ଡିରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ରଥ ଉପରେ ସମସ୍ତ ନୀତିକାନ୍ତି ସରିବା ପରେ ନୃସିଂହ ପୃଷ୍ଟି ଅପରାହ୍ନରେ ଛେରାପହଁରା କାର୍ଯ୍ୟ କରିଥିଲେ। ପରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ପ୍ରବଳ ଗହଳି ହୋଇଥିଲା। ଶ୍ରଦ୍ଧାଳୁ ରଥ ଦଉଡ଼ିକୁ ଟାଣି ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ। ତେବେ ଏହି ପୀଠର ପରମ୍ପରା ଅନୁଯାୟୀ ଗୋଟିଏ ଦଉଡ଼ିକୁ ପୁରୁଷ ଓ ଅନ୍ୟ ଦଉଡ଼ିକୁ ମହିଳାମାନେ ଟାଣିଥିଲେ। ସେହିପରି ଡେରାବିଶର ପରମଆରାଧ୍ୟ ଶ୍ରୀ ଶ୍ରୀଦଧିବାବନଜୀଉଙ୍କ ମନ୍ଦିରରେ ରଥଯାତ୍ରା ହୋଇଛି। ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ଅପରାହ୍ନରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ରଥକୁ କିଛି ବାଟ ଟାଣି ଥିଲେ। ତେବେ ସୋମବାର ଅପରାହ୍ନରେ ପୁଣି ରଥକୁ ଟଣାଯିବା ନେଇ ମନ୍ଦିର ଟ୍ରଷ୍ଟିଙ୍କ ସୂଚନାରୁ ଜଣାଯାଇଛି।



ରଥାରୂଢ଼ ଓଁକାର କ୍ଷେତ୍ରର ତିନି ଦିଅଁଙ୍କୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

# ପତିତପାବନଜୀଉଙ୍କ ରଥ ମାଉସୀ ମା' ମନ୍ଦିର ଚକଡ଼ା ଛୁଇଁଲା

ପଟ୍ଟାମୁଣ୍ଡାଇ, ୭।୭(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପୋଖରୀଆପଡ଼ା ପତିତପାବନଜୀଉଙ୍କ ରଥ ସନ୍ଧ୍ୟା ୭ଟା ବେଳେ ବକ୍ତାରପୁର ମାଉସୀ ମା' ମନ୍ଦିର ଚକଡା ଛୁଇଁଛି। ପବିତ୍ର ରଥଯାତ୍ରା ଉପଲକ୍ଷେ ପ୍ରତ୍ୟୁଷରୁ ମନ୍ଦିର ପୂଜକମାନେ ପହଡ଼ ଖୋଲିଥିଲେ। ମଙ୍ଗଳ ଆଳତି ସକାଳ ୭ଟା ବେଳେ ମହାସ୍ନାନ ଓ ବାଲ୍ୟଧୂପ ହୋଇଥିଲା। ସକାଳ ସାଢେ ୯ଟା ବେଳେ ବକ୍ତାରପୁର ମାଉସୀ ମା' ମନ୍ଦିରରୁ ନିମନ୍ତ୍ରଣ ମାଳ ପହଞ୍ଚି ଥିଲା। ସକାଳ ୧୦ଟା ବେଳେ ଶ୍ରୀଜୀଉମାନଙ୍କୁ ଦଇତାପତି ଗୋଟି ପହଣ୍ଡିରେ ରଥାରୂଢ଼ କରିଥିଲେ। ମନ୍ଦିର ପୂଜକ ପର୍ଶୁରାମ ଦାଶ, ସନ୍ତୋଷ ଦାଶ ଓ ତ୍ରୈଲୋକ୍ୟ ମିଶ୍ର ପ୍ରମୁଖ ବିଶେଷ ପୂଜା ନୀତି ସମ୍ପନ୍ନ କରିଥିଲେ। ପୂର୍ବାହ୍ନ ସାଢେ ୧୧ରେ ହରପାର୍ବତୀ ମନ୍ଦିର ପାଇଁ ଆଜ୍ଞାମାଳ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟା ପରେ ହରପାର୍ବତୀ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ସାଢେ ୩ଟା ବେଳେ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟାରେ ହଜାର ହଜାର ଶ୍ରଦ୍ଧାଳୁ ହରିବୋଲ,



ହୁଳହୁଳି ଦେଇ ରଥ ଟାଣି ଥିଲେ। ଶ୍ରଦ୍ଧାଳୁମାନେ ରଥ ଟାଣି ନେଇ ସନ୍ଧ୍ୟା ସାଢେ ୭ଟା ବେଳେ ବକ୍ତାରପୁରସ୍ଥିତ ମାଉସୀ ମା' ମନ୍ଦିର ଚକଡ଼ାରେ ପହଞ୍ଚି ଥିଲେ। ଏହି ରଥଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ନରହରି ଲେଙ୍କା, ତ୍ରିଲୋଚନ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ପୋଲିସ ଶାନ୍ତି ଶୃଙ୍ଖଳା ବଜାୟ ରଖିଥିବା ବେଳେ ସ୍ୱାସ୍ଥ୍ୟସେବା ପାଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ମାଉସୀ ମା' ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜକମାନେ ଶ୍ରୀବଳଦେବ, ଶ୍ରୀଜଗନ୍ନାଥ, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କୁ ଗୋଟି ପହଣ୍ଡି କରାଯାଉଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ, ତନୁପୁର, ଜଗନ୍ନାଥପୁର ଓ କଖାରୁଣୀ, ବାଲିପାଟଣା ପ୍ରଭୃତି ଗ୍ରାମରେ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି। ବିଦ୍ୟୁତ୍ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଭକ୍ତଙ୍କ ମେଳରେ ଶ୍ରୀଦଧିବାମନଜୀଉ

କେନ୍ଦ୍ରାପଡ଼ା, ୭।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ଚଉଦକୁଲାଟର ତମାଳଶାସନ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ରଥଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କ ଗୋଟି ପହଣ୍ଡି ପରେ ଶ୍ରୀଜୀଉ ରଥାରୂଢ଼ ହୋଇଥିଲେ। ବାଡ଼ଗ୍ରାହୀ କିଶୋର ଚନ୍ଦ୍ର ମିଶ୍ର, ରମାକାନ୍ତ ମିଶ୍ର, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ରଥ ଉପରେ ଶ୍ରୀଜୀଉଙ୍କ ନୀତିକାନ୍ତି ସମାପନ କରିଥିଲେ। ପଣ୍ଡିତ ତ୍ରିଲୋଚନ ମିଶ୍ର ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଦଧିବାମନ ଚେତନା ପରିଷଦ ପକ୍ଷରୁ ଦଧିବାମନ ହିଁ ଶ୍ରୀଜଗନ୍ନାଥ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବହୁ ବୁଦ୍ଧିଜୀବୀ ଭାଗ ନେଇଥିଲେ। ପଟ୍ଟାମୁଣ୍ଡାଇ ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ ହୋଇଥିଲା।

# ରାଜକନିକାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା

ରାଜକନିକା, ୭।୭(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ରାଜକନିକାର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ବିଭିନ୍ନ ମନ୍ଦିରରୁ ମହାପ୍ରଭୁଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ରାଜକନିକା ବ୍ଲକ ଓଳାଭର ପଞ୍ଚାୟତର ଦେଉଳସାହି, ପେଗରପଡ଼ା ପଞ୍ଚାୟତର ପେଗରପଡ଼ା, ନହୁଣୀ ପଞ୍ଚାୟତର ନରହରିପୁର ଶାସନ, ବ୍ରାହ୍ମଣସାହି, ଜାଗୁଲାଇପଡ଼ା ପଞ୍ଚାୟତର ଜାଏମାଳବ ଓ ବାଘବୁଦା ପଞ୍ଚାୟତର ନୂଆସାହି ଆଦି ଗ୍ରାମରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନସ୍ଥାନରେ ହଜାର ହଜାର ଭକ୍ତଙ୍କ ସମାଗମକୁ ନିୟନ୍ତ୍ରଣ କରିବା ଓ ସୁରକ୍ଷାକୁ ଦୃଷ୍ଟିରୁ ପୋଲିସ ପ୍ରଶାସନ ମୁତୟନ ଥିବା ଦେଖିବାକୁ ମିଳିଥିଲା। ଦେଉଳସାହି ଗାଁରେ ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# କେରେଡାଗଡ଼ରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ରାଜନଗର, ୭।୭(ଭାସ୍କର ରାଉତରାୟ)

ପୁରାଣ ପ୍ରସିଦ୍ଧ କେରେଡାଗଡ଼ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ରବିବାର ଶେଷ ହୋଇଛି। କେରେଡାଗଡ଼ର ରଥଦାଣ୍ଡରେ ରଥ ଉପରେ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀଜଗନ୍ନାଥଙ୍କ ରଥକୁ ଟାଣିଥିଲେ। ସମସ୍ତ କଣ୍ଠରେ ଜୟଜଗନ୍ନାଥ ଧ୍ୱନିରେ ବଡ ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ରାଜନଗର ସମେତ ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରାତଃରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମହାସ୍ନାନ, ବାଲ୍ୟଧୂପ, ଖେଚେଡି ଧୂପ, ନୀତି ପରେ ୩ଟାରେ ଶ୍ରୀଜୀଉଙ୍କ ବିଗ୍ରହଙ୍କୁ ବଡ଼ପଣ୍ଡା ମଦନ ମୋହନ ରଥ, ନିତ୍ୟାନନ୍ଦ ଦାଶ, ଜନକୃଷ୍ଣ ରଥ, ସୋମନାଥ ଷଡଙ୍ଗୀ, ବ୍ରଜ କିଶୋର ପଣ୍ଡାଙ୍କ ସମେତ ସମସ୍ତ ସେବାୟତ ଘଣ୍ଟ ଧ୍ୱନୀ ମଧ୍ୟରେ ପହଣ୍ଡି ବିଜେ କରାଇଥିଲେ। କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ପରମ୍ପରା ଅନୁଯାୟୀ ଛେରା ପହଁରା ନୀତି ଶେଷ କରିଥିଲେ। ଅପରାହ୍ନ



କେରେଡାଗଡ଼ର ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଛନ୍ତି।



ରିଘାଗଡ଼ରେ ମୁରୁଜ ରଥରେ ତିନି ଦିଅଁ।

ସାଢେ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୭ଟାରେ ମହାପ୍ରଭୁ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚି ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନାଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିପରି ରାଜନଗରସ୍ଥିତ ଶ୍ରୀ ଶ୍ରୀଦଧିବାମନ ଜୀଉଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟରେ ଶ୍ରୀଜୀଉଙ୍କ ରଥ ପହଞ୍ଚିବା ପରେ ସନ୍ଧ୍ୟା ନୀତିକାନ୍ତି ଆରମ୍ଭ ହୋଇଛି। ସେହିପରି ପେଣ୍ଠସ୍ଥିତ ଶ୍ରୀ ଶ୍ରୀବନବିହାରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ରଥ ଉପରେ ଗୁରୁ ଗୋବିନ୍ଦ ଭେଟ

ବହୁ ପୂର୍ବରୁ ରଥଯାତ୍ରା ସମୟରେ ଗୁରୁ ଗୋବିନ୍ଦଙ୍କ ଭେଟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଆସୁଛି। କେରେଡାଗଡ଼ସ୍ଥିତ ଶାନ୍ତି ଆଶ୍ରମରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ପାଲିଙ୍କିରେ ସେବକମାନେ ଆଣି ରଥ ଉପରେ ବିରାଜମାନ କରିଥିବା ମହାପ୍ରଭୁଙ୍କ ଭେଟ କରାଇଥିଲେ। ବଡଦାଣ୍ଡରେ ଥିବା ଶ୍ରଦ୍ଧାଳୁମାନେ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଏହି ଲୀଳା ଦୃଶ୍ୟକୁ ଦେଖି ବିମୋହିତ ହୋଇଥିଲେ। ଗୁରୁ ଗୋବିନ୍ଦ ଭେଟ ପରେ ରଥରେ ଛେରାପହଁରା ନୀତି ଏବଂ ପରେ ରଥ ଟଣାଯାଇଥିଲା।

## ମୁରୁଜ ରଥରେ ବିରାଜିଲେ ରିଘାଗଡ଼ର ଶ୍ରୀବଳଦେବଜୀଉ

ରାଜନଗର, ୭।୭(ଭାସ୍କର ରାଉତରାୟ)

ରିଘାଗଡ଼ସ୍ଥିତ ବହୁ ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ନିଆରା ଢଙ୍ଗରେ ବଡ଼ପଣ୍ଡା ଓ ସେବାୟତମାନେ ପାଳନ କରିଛନ୍ତି। ଏଠାରେ ଶ୍ରୀବଳଦେବଜୀଉ ସାନଭାଇ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ରଥରେ ବିରାଜମାନ ନ କରି ମୁରୁଜ ରଥରେ ବିଜେ କରିଥାନ୍ତି। ଦୀର୍ଘ ୬୦ବର୍ଷ ହେଲା ଏହି ରଥଯାତ୍ରା ବନ୍ଦ ରହିଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁରୁଜ ରଥରେ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ବଡ଼ପଣ୍ଡା ରଞ୍ଜନ କୁମାର ମିଶ୍ର, ଡମ୍ବୁରୁଧର ପତି, ଶୁକଦେବ ପାଣି, ସୁବାସ ଦାସ ଓ ସେବାୟତମାନେ ରଥଯାତ୍ରାର ପରମ୍ପରା ଅନୁଯାୟୀ ପହଣ୍ଡି ବିଜେ ସହ ବିଭିନ୍ନ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁରୁଜ ରଥରେ ସ୍ଥାପନ କରିଛନ୍ତି।





ନୟାଗଡ଼ରେ ଶ୍ରୀଜୀଉଙ୍କ ନବଯୌବନ ବେଶ ଓ ଶ୍ରୀଜୀଉଙ୍କୁ ପହଣ୍ଡିବିଜେ କରାଯାଇ ରଥକୁ ନିଆଯାଉଛି ।

# ନୟାଗଡ଼ରେ ଅପରାହ୍ନ ୫ଟାରେ ହେଲା ରଥଟଣା

**ନୟାଗଡ଼,୭।୭(ଲୋକନାଥ ମିଶ୍ର):** ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିବାର ସୁଯୋଗ ପାଇ ଆତ୍ମହରା ହୋଇ ଉଠିଛନ୍ତି ଭକ୍ତ । ଭକ୍ତଙ୍କ ହୁଳହୁଳି ଓ ହରିବୋଲରେ ନୟାଗଡ଼ର ବଡଦାଣ୍ଡରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଚଳିତ ବର୍ଷ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଏକାଦିନରେ ପଡିବାରୁ ନୀତିରେ ବିଳମ୍ବ ହୋଇଛି । ରଥ କେବଳ କିଛି ବାଟ ଗଡିଛି । ନୟାଗଡ଼ ପୁରୁଣାସହରଠାରେ ବିଜେ ଜଗନ୍ନାଥଙ୍କ ଘୋଷଯାତ୍ରା ଅବସରରେ ରବିବାର ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି, ନୀତି ସ୍ନାନ, ବଲ୍ଲଭ, ସୂର୍ଯ୍ୟପୂଜା, ରୋଷଭୋଗ କରାଯିବା ପରେ ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା । ଅପରାହ୍ନ ୧ଟା ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ହୋଇଥିଲା । ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଗହଣରେ ରାଜା ରାମେଶ୍ୱର ପ୍ରସାଦ ସିଂହଙ୍କ ଦ୍ୱାରା ଅପରାହ୍ନ ୪ଟାରେ ଛେରାପହଁରା କାର୍ଯ୍ୟ ସମାପନ ହୋଇଥିଲୋ ଏହାପରେ ଅପରାହ୍ନ ସାଢ଼େ ୫ଟା ରଥଟଣା ନୀତି ସମ୍ପନ୍ନ ହୋଇଥିଲା । ଭକ୍ତମାନେ ବଳଦେବଜୀଉ ଓ ଜଗନ୍ନାଥଙ୍କ ରଥକୁ ରଥଗଡ଼ା ସାହି ନିକଟରେ ଓ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ନବନାଲ ମଠ ନିକଟ ପର୍ଯ୍ୟନ୍ତ ଟାଣି ରଖିଛନ୍ତି । ଡାହୁକର ଅଶ୍ଳୀଳ ଗୀତ ଚଳିତ ବର୍ଷ ବନ୍ଦ ରହିଛି । ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଏସ୍‌ପି ରାହୁଲ ଜୈନ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ତହସିଲଦାରଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଆଇନଶୃଙ୍ଖଳା ପାଇଁ ୩ ପ୍ଲାଟୁନ ଫୋର୍ସ, ୧ପ୍ଲାଟୁନ ସ୍ପେଶାଲ ପୋଲିସ ଅଫିସର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସଙ୍କୁ ନିୟୋଜିତ କରାଯାଇଥିଲା । ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇ ସେଠାରେ ରାଜକିଶୋର ବାଣ୍ଟ, ଖବରଦାତା ରାମକୃଷ୍ଣ ରଥ, ଶରତ ଆଚାର୍ଯ୍ୟ, ନିର୍ମଳ ଶୂରଦେଓ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶ୍ରୀଧର ମିଶ୍ର, କୈଳାସ ବାଣ୍ଟ , ସଂକୀର୍ତ୍ତନ ଗାୟକ ବିଶ୍ୱନାଥ ପ୍ରଧାନ ପ୍ରମୁଖ ରଥଯାତ୍ରା ଉପରେ ଧାରାବିବରଣୀ ପ୍ରଦାନ କରିଥିଲେ ।

# ଶରଣକୁଳରେ ରଥଯାତ୍ରା, ଅପରାହ୍ନରେ ରଥାରୂଢ଼ ହେଲେ ଶ୍ରୀଜୀଉ



ଶରଣକୁଳ ଜଗନ୍ନାଥ ମନ୍ଦିର ସମ୍ମୁଖରେ ୩ ରଥ ।

**ଶରଣକୁଳ,୭।୭(ଦୀପକ କର):** ନୟାଗଡ଼ ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶରଣକୂଳରେ ରବିବାର ରଥଯାତ୍ରା ମହା ଉତ୍ସାହର ସହ ଶେଷ ହୋଇଛି । ପୂର୍ବାହ୍ନରେ ରଥ ପ୍ରତିଷ୍ଠା ଶେଷ ହେବା ପରେ ଅପରାହ୍ନ ୪ଟାରେ ପ୍ରଭୁ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ମା'ସୁଭଦ୍ରାଙ୍କ ପହଣ୍ଡି ବିଜେ କରାଯାଇ ତିନି ରଥରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯାଇଥିଲା । ପରେ ମନ୍ଦିର ପରିଛା ତୋଷବନ୍ତ କର ତିନି ରଥରେ ଛେରାପହଁରା କରିଥିଲେ । ନୀତିକାନ୍ତି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହେବା ପରେ ପାଳିଆ ସେବକ ଲୋକନାଥ ପୁଷ୍ପାପାଳକ, ମନ୍ଦିର ପରିଚାଳକ ଦାୟିତ୍ୱରେ ଥିବା ଜିତେନ୍ଦ୍ର କୁମାର ମିଶ୍ରଙ୍କ ସହାୟତାରେ ଅପରାହ୍ନ ୪. ୩୦ମିନଟରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଥମେ ଶ୍ରୀବଳଦେବ ଜୀଉଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିଥିଲେ, ପରେ ସେହିପରି ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ପରେ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିଥିଲେ । ତିନି ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି କରାଯାଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଶ୍ରୀଜୀଉଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଶରଣକୂଳ ଥାନା ଅଧିକାରିଣୀ ପୁଷ୍ପଲତା ବେହେରା ଆଇନଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିବା ସହ ଭିଡକୁ ନିୟନ୍ତ୍ରଣ କରିଥିଲେ । ସେହିପରି ନିକଟସ୍ଥ ଭିଖାରିପ ଶାସନରେ ଶିଶୁମାନଙ୍କ ଦ୍ୱାରା କୁନି ଠାକୁରଙ୍କୁ କୁନି ରଥରେ ବସାଇ ରଥ ଟାଣି ନେଉଥିବା ଦେଖିବାକୁ ମିଳିଥିଲା ।

# ଶ୍ରୀଜୀଉଙ୍କ ନବଯୌବନ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ଖଣ୍ଡପଡ଼ା,୭।୭ (ଅଜୟ କୁମାର ମହାରଣା)**

ଦେବସ୍ନାନ ପୂର୍ଣ୍ଣମୀରେ ତିନିଠାକୁର ସ୍ନାନ କରିବା ପରେ ଜ୍ୱରରେ ପୀଡିତ ହୋଇଥିଲେ । ୧୪ ଦିନ କାଳ ଅନବସର ଘରେ ରହି ଜ୍ୱରରୁ ଉଠିବା ପରେ ରବିବାର ଶ୍ରୀଜୀଉମାନେ ନବ ଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବଜୀଉ ମନ୍ଦିର ପାର୍ଶ୍ୱ ଠାକୁର ଭାବେ ବିରାଜିତ ତିନି ଠାକୁର, ଖଣ୍ଡପଡ଼ା ରାଜବାଟୀ ପରିସରରେ ଥିବା ଏକକ ଜଗନ୍ନାଥ ଓ ରଥଗଡା ଛକ ନିକଟ ଦେବୋତ୍ତର ବିଭାଗ ଅଧୀନରେ ଥିବା ଶ୍ରୀରଘୁନାଥଙ୍କ ପାର୍ଶ୍ୱ ଠାକୁର ଭାବେ ବିରାଜିତ ମହିମା ମେରୁ, ଖଳିସାହି ଜଗନ୍ନାଥ ମନ୍ଦିର, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠସ୍ଥ ଜଗନ୍ନାଥ ମନ୍ଦିରରେ ଓ କୁମ୍ଭାରପଡାରେ ଶ୍ରୀଜୀଉମାନଙ୍କୁ ନବଯୌବନ ବେଶରେ ଦର୍ଶନ କରିବାକୁ ଭକ୍ତଙ୍କ ଭିଡ ଲାଗି ରହିଥିଲା । ବିଶେଷକରି କଣ୍ଟିଲୋ ନୀଳମାଧବ ଜୀଉ ପୀଠରେ ଶ୍ରୀଜୀଉଙ୍କ ନବ ଯୌବନ ଦର୍ଶନ ପାଇଁ ଚଳିତ ବର୍ଷ ସୁଦୂର ପଶ୍ଚିମବଙ୍ଗରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ଅନବସର ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୂଙ୍କ ଶ୍ରୀମୁଖ ସିଂହାର କରାଯାଇଥିଲା ।



ଖଣ୍ଡପଡ଼ାରେ ଶ୍ରୀଜୀଉଙ୍କୁ ପହଣ୍ଡି ବିଜେ କରାଯାଉଛି ।

# ଖଣ୍ଡପଡ଼ାରୁ ପୁରୀକୁ ଗଡିଲା ବସ୍

**ଖଣ୍ଡପଡା,୭।୭ (ଅଜୟ କୁମାର ମହାରଣା)**

ଶ୍ରୀ ଜୀଉଙ୍କ ଘୋଷଯାତ୍ରା ଅବସରରେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ରାଜ୍ୟ ପରିବହନ ନିଗମର ଏକ ଯାତ୍ରୀବାହୀ ବସ ରବିବାର ସକାଳ ୭ଟାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଖଣ୍ଡପଡ଼ାର ଜନସାଧାରଣ ଉକ୍ତ ବସରେ ସୁଲଭ ମୂଲ୍ୟରେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଶ୍ରୀ ଜୀଉଙ୍କ ଘୋଷଯାତ୍ରା ଓ ବାହୁଡା ଯାତ୍ରା ଅବସରରେ ଏହି ବସ ସେବା ଉପଲବ୍ଧ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି ।

# ନୟାଗଡ଼ରେ ଗଛଟିଏ ମା'ଟିଏ କାର୍ଯ୍ୟକ୍ରମ

**ନୟାଗଡ଼,୭।୭(ଲୋକନାଥ ମିଶ୍ର):** ନୟାଗଡ଼ କଳା ପରିଷଦ ଓ ମଦର ଆବାସିକ ବିଦ୍ୟାଳୟ ମିଳିତ ଅନୁକୂଲ୍ୟରେ ଗଛଟିଏ ମା'ଟିଏ କାର୍ଯ୍ୟକ୍ରମ ରବିବାର ନୟାଗଡ଼ କଳା ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଙ୍ଗଲ ଅଧିକାରୀ ଜ୍ୟୋତି ସାମନ୍ତରାୟ, ପରିବେଶବିତ୍, ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଭାସିନୀ ନନ୍ଦ ଉପସ୍ଥିତ ରହି ଚାରା ରୋପଣ କରିଥିଲେ ।

# ଦଶପଲ୍ଲାରେ ରଥଯାତ୍ରା



**ଦଶପଲ୍ଲା,୭।୭(ପ୍ରକାଶ କୁମାର ପାଣି):** ରବିବାର ଦଶପଲ୍ଲାରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଦଶପଲ୍ଲା ରାଜାବାଟୀରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ପୂର୍ବାହ୍ନରେ ପୂଜାନୀତି ଶେଷ ହେବାପରେ ମଧ୍ୟାହ୍ନ ସାଢ଼େ ୧୨ ଟାରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଇଥିଲା । ଅପରାହ୍ନ ସାଢେ ୧ ଟା ସମୟରେ ଦଶପଲ୍ଲା ରାଜା ଦିଗ ବିଜୟ ଚନ୍ଦ୍ର ଦେଓଭଞ୍ଜ ରଥ ଉପରେ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିବାପରେ ରଥ ଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟା ସୁଦ୍ଧା ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ଲାଗିଥିଲା । ବହୁ ଭକ୍ତଙ୍କ ସମାଗମରେ ରଥ ଟଣା କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା ।

# ସାତପାଟଣାରେ ଆରମ୍ଭ ହେଲା ରଥଯାତ୍ରା

**ଦଶପଲ୍ଲା,୭।୭(ପ୍ରକାଶ କୁମାର ପାଣି):** ଦଶପଲ୍ଲା ସହର ସାତପାଟଣା ଜଗନ୍ନାଥଙ୍କ ମନ୍ଦିରରେ ରବିବାର ପ୍ରଥମ କରି ରଥଯାତ୍ରା ଆରମ୍ଭ ହୋଇଛି । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ରଥ ଟଣା ହୋଇଥିଲା । ଏଥିପାଇଁ ୩ ରଥ ନିର୍ମାଣ କରାଯାଇଥିଲା । ପୂର୍ବାହ୍ନରେ ମନ୍ଦିରରେ ପୂଜା କାର୍ଯ୍ୟ ସମ୍ପନ୍ନ ପରେ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ପ୍ରଥମ ଥର ରଥଯାତ୍ରା ଆରମ୍ଭ ହୋଇଥିବାରୁ ଭକ୍ତଙ୍କ ମଧ ରେ ଉତ୍ସାହ ଦେଖାଯାଇଥିଲା । ରଥଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ପଣସ ପାଟଣା ସ୍ଥିତ ମାଉସୀ ମା'ମନ୍ଦିରରେ ୨ ରଥ ବଳଭଦ୍ର ଦେବ ଏବଂ ଦେବୀ ସୁଭଦ୍ରାଙ୍କ ରଥ ପହଞ୍ଚି ଥିଲା । ଜରିପାଟଣାଠାରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଅଟକି ରହିଥିଲା । ସୋମବାର ପୁଣି ରଥ ଟଣା ହେବ । ରବିବାର ପୂର୍ବାହ୍ନ ରେ ପଣସ ପାଟଣାଠାରେ ମାଉସୀ ମା'ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ସାତ ପାଟଣା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଏବଂ ରଥଯାତ୍ରା କମିଟି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



# ଅଖ ଭାଙ୍ଗି ଯିବାରୁ ରଥଟଣା ବନ୍ଦ



ରଥାରୂଢ଼ ଶ୍ରୀଜଗନ୍ନାଥ ।



ଖଣ୍ଡପଡ଼ାରେ ରଥଯାତ୍ରାପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ।



ଭାଙ୍ଗିଯାଇଥିବା ରଥର ଅଖ ।

**ଖଣ୍ଡପଡ଼ା,୭।୭ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଖଣ୍ଡପଡ଼ାର ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର, କୁମ୍ଭାରପଡା ଓ ବାଣପୁର ଆଦି ୪ଟି ସ୍ଥାନରେ ରବିବାର ଶ୍ରୀଜୀଉଙ୍କ ଘୋଷଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ୨ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପରମ୍ପରା ଖଣ୍ଡପଡ଼ା ସହରରେ ଅନୁଷ୍ଠିତ ହୋଇଆସୁଛି । ରବିବାର ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ପହଣ୍ଡି ବିଜେ ଓ ଅପରାହ୍ନ ପ୍ରାୟ ସାଢେ ୫ଟାରେ ଛେରା ପହଁରା ସମୟରେ ମେଘୁଆ ପାଗ ହୋଇଥିବାରୁ ଜନ ସମାଗମ ପରିଲକ୍ଷିତ ହୋଇଥିଲା । ରଥ ଟଣା ସମୟରେ ଆଖପାଖ ଅଞ୍ଚଳରୁ ଲୋକଙ୍କ ସମାଗମ ହୋଇଥିଲା । ଠାକୁରଙ୍କ ନୀତିକାନ୍ତିରେ ବିଳମ୍ବ ଘଟିଥିବାରୁ ରଥଟଣା ମଧ କିଛି ଘଣ୍ଟା ପରେ ଆରମ୍ଭ ହୋଇଥିଲା । ତେବେ ରାଜପରିବାର ପକ୍ଷରୁ ପରିଚାଳିତ ଜଗନ୍ନାଥଙ୍କ ରଥ ଟାଣିବାର ୨୦ରୁ ୩୦ ଫୁଟ ଦୂରରେ ରଥ ଅଖ ଭାଙ୍ଗି ଯିବାରୁ ରଥ ଅଟକି ରହିଥିଲା । ସୋମବାର ମହାରଣା ସେବକଙ୍କ ଦ୍ୱାରା ରଥ ମରାମତି ହେବା ପରେ ଅପରାହ୍ନ ପ୍ରାୟ ୨ଟା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ଖଣ୍ଡପଡ଼ା ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରିଛନ୍ତି । ଖଣ୍ଡପଡାରେ ଏହି ଯାତ୍ରା ୨ଟି ରଥରେ ବାହାରି ଥାଏ । ଗୋଟିଏ ରଥରେ ରାଜ ପରିବାର ଦ୍ୱାରା ପ୍ରତିଷ୍ଠିତ ତଥା ପୂଜିତ ଏକକ ଜଗନ୍ନାଥ(ବଡ଼ ଜଗନ୍ନାଥ) ଓ ଦ୍ୱିତୀୟ ରଥରେ ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଥିବା ଶ୍ରୀରଘୁନାଥ ମନ୍ଦିରର ପାର୍ଶ୍ୱ ଠାକୁର ଭାବେ ବିରାଜିତ ତିନି ଠାକୁର ବିଜେ ହୋଇଥାଆନ୍ତି । ଉଭୟ ଠାକୁରଙ୍କ ସକାଳ ସେବା ନୀତି ଓ ମଧ୍ୟାହ୍ନ ଧୂପ ପରେ ସେନାପଟା ଲାଗି, ଛକଲାଗି କାର୍ଯ୍ୟ ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ମନ୍ଦିର ବାହାରକୁ ଘୋଷଯାତ୍ରାରେ ଯିବା ପୂର୍ବରୁ ମଙ୍ଗଳାର୍ପଣ କରାଯାଇଥିଲା । ଅପରାହ୍ନ ୫ଟାରେ ବିଗ୍ରହମାନଙ୍କୁ ମନ୍ଦିରରୁ ପହଣ୍ଡି ବିଜେ କରାଯିବା ପରେ ରଥ ଚାରି ପାଖରେ ଛେରା ପହଁରା କାର୍ଯ୍ୟ ଶେଷ ହୋଇଥିଲା । ଖଣ୍ଡପଡ଼ା ରାଜପରିବାର ଦ୍ୱାରା ପରିଚାଳିତ ଏକକ ଜଗନ୍ନାଥଙ୍କ ରଥ ଓ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ରଥ ଚାରି ପାଖରେ ରାଜା ବିଭୁତି ଭୁଷଣ ସିଂ ମର୍ଦ୍ଦରାଜ ଛେରା ପହଁରା କାର୍ଯ୍ୟ କରିଥିଲେ । ଚଳିତ ରଥଯାତ୍ରାରେ ରଥାରୁଢ ଦିଅଁଙ୍କୁ ଦର୍ଶନ ସହ ରଥ ଟାଣିବା ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

